# ପାଟି ଖୋଲୁନାହାନ୍ତି ଜିଲା ମଙ୍ଗଳ ଅଧିକାରୀ

**ଫୁଲବାଣୀ ଅଫିସ, ୧୩ା୧**

ଦାରିଙ୍ଗବାଡିରେ ନାବାଳିକା ଛାତ୍ରୀ ସନ୍ତାନ ଜନ୍ମ ଦେବା ଘଟଣା କନ୍ଧମାଳ ଜିଲା ସମେତ ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ଏଭଳି ସମୟରେ ଜିଲା ମଙ୍ଗଳ ଅଧିକାରୀ ଚାରୁଲତା ମଲ୍ଲିକ ଅଫିସରେ ନ ରହିବା ଓ ଘଟଣା ସମ୍ପର୍କରେ ମୁହଁ ନ ଖୋଲିବାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ପରେ ବି ମଙ୍ଗଳ ଅଧିକାରୀ ଚୁପ୍ ରହିବା, ଘଟଣାକୁ ଆହୁରି ରହସ୍ୟାବୃତ କରୁଛି। ତେଣୁ ଜିଲାପାଳ ତାଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ରବିବାର ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ମଙ୍ଗଳ ଅଧିକାରୀଙ୍କ ମୋବାଇଲ ଫୋନ (ନଂ. ୯୪୩୭୩୨୩୫୮୨ ଏବଂ ୮୬୩୭୨୭୬୭୯୦)ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ଗୋଟିଏ ମୋବାଇଲ୍ ନମ୍ବର ସୁଇଚ୍ ଅଫ୍ ଦେଖାଉଥିବା ବେଳେ ଅନ୍ୟଟି ପ୍ରତ୍ୟେକ ସମୟରେ ଅନ୍ୟ କଲ୍‌ରେ ବ୍ୟସ୍ତ ରହୁଛି। ଏହି ସରକାରରେ ସବୁ ସମ୍ଭବ ବୋଲି ଅଭିଯୋଗ କରଛନ୍ତି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କମଳାକାନ୍ତ ପାଣ୍ଡେ। ମଙ୍ଗଳ ଅଧିକାରୀଙ୍କ ମୋବାଇଲ୍ ଫୋନ ସୁଇଚ୍ ଅଫ୍ ଥିବା ଘଟଣାକୁ ସେ ନାପସନ୍ଦ କରିବା ସହିତ ଏହା ତଦନ୍ତ ସାପେକ୍ଷ ବୋଲି କହିଛନ୍ତି। ଜିଲାର କେବଳ ଏହି ବିଦ୍ୟାଳୟରେ ଏପରି ଘଟଣା ଘଟିଛି ନା ଅନ୍ୟ କୌଣସି ବିଦ୍ୟାଳୟରେ ଏଭଳି କିଛି ଘଟଣାକୁ ଲୁଚାଇ ରଖାଯାଇଛି ତାହାର ତଦନ୍ତ ପାଇଁ ରାଜ୍ୟ ସରକାର କଡ଼ା ନିର୍ଦ୍ଦେଶ ଦେବା ସମୟ ଆସିଛି ବୋଲି ପାଣ୍ଡେ କହଛନ୍ତି।

## ଅଷ୍ଟମଶ୍ରେଣୀ ଛାତ୍ରୀ ପ୍ରସବ ଘଟଣା

# ବିଚାରବିଭାଗୀୟ ତଦନ୍ତ ଦାବିକଲା ଭାଜପା

**ଦାରିଙ୍ଗବାଡ଼ି, ୧୩ା୧ (ଡି.ଏନ.ଏ)**


ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ଜଣେ ୮ମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣାକୁ ଭାଜପା ନିନ୍ଦା କରିଛି। ବିଭାଗୀୟ ମନ୍ତ୍ରୀ କେବଳ ତଦନ୍ତ କଥା କହୁଛନ୍ତି, ତଦନ୍ତ ନୁହେଁ ଆମେ ବିଚାର ବିଭାଗୀୟ ତଦନ୍ତ ଚାହୁଁ ବୋଲି ଭାଜପାର ବରିଷ୍ଠ ନେତା ନେତ୍ର ମାନସେଠ୍ ରବିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିସହ କନ୍ଧମାଳ ଜିଲାପାଳଙ୍କ ବଦଳି ସହ ଜିଲାମଙ୍ଗଳ ଅଧିକାରିଣୀ ଏବଂ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ନିଲମ୍ବନ କରିବାକୁ ସେ ସମ୍ମିଳନୀରେ କହିଛନ୍ତି। ଜିଲାପ୍ରଶାସନ ଏବଂ ସରକାରୀ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏଭଳି ଘଟଣା ବାରମ୍ବାର ଜିଲାରେ ଘଟୁଥିବା ସେ ଅଭିଯୋଗ କରିଛନ୍ତି। ତଳିଆ କର୍ମଚାରୀଙ୍କୁ ବହିଷ୍କାର କରି ଚୁପ୍ ବସିଲେ ହେବ ନାହିଁ। ନାବାଳିକାଙ୍କ ପ୍ରତି ଦିନକୁ ଦିନ ରାଜ୍ୟରେ ହିଂସା ଓ ବଳାତ୍କାର ଘଟଣା ବଢୁଛି। ଭାଜପା ଏହାକୁ ଗୁରୁତର ସହ ନେଇଛି। କିଭଳି ହଷ୍ଟେଲରେ ଜଣେ ୧୦ ମାସ ଧରି ଗର୍ଭଧାରଣ କଲେ ମଧ କେହି ଜାଣିପାରିଲେ ନାହିଁ କି ଜିଲାପ୍ରଶାସନ ନଜରକୁ ଏତେବଡ଼ ଘଟଣା ପହଞ୍ଚିପାରିନଥିଲା ସେନେଇ ଭାଜପା ନିନ୍ଦା କରିଛି। ଏହି ସମ୍ମିଳନୀରେ ଦଳର ଜିଲା ଉପସଭାପତି ବିଷ୍ଣୁ ଚରଣ ପ୍ରଧାନଙ୍କ ସମେତ ମଣ୍ଡଳ ସଭାପତି ଅରୁଣ ପ୍ରଧାନ, ଆଇନଜୀବୀ ଉମେଶ କର, ଇନ୍ଦ୍ରଜିତ ପ୍ରଧାନ, ମଣ୍ଡଳ ସମ୍ପାଦକ ପ୍ରଭାକର ସାହୁ, ପ୍ରଦୀପ କୁମାର ସାହୁ, ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ପୋଲିସ ପକ୍ଷରୁ ଏହି ଘଟଣାରେ ଜଣେ କଲେଜ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବାବେଳେ କନ୍ଧମାଳ ଜିଲାପାଳ ସେବାଶ୍ରମର ୩ ସହକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିଲମ୍ବନ କରିଥିବାବେଳେ ୨ଜଣ ମାଟ୍ରନ, ୨ଜଣ କୁକ୍ କମ୍ ଅଟେଣ୍ଡାଣ୍ଟ ଏବଂ ଜଣେ ଏଏନ୍‌ଏମଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛନ୍ତି। ଏଥିସହ ସେବାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ଜିଲାପାଳ ଡ.ବୃନ୍ଦା ଡି. ସୁପାରିସ କରିଥିବା ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀ କ'ଣ ଏବେ କହିବେ 'ଆପଣମାନେ ଖୁସି ତ' : ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୩ା୧ (ବ୍ୟୁରୋ)**

ଦାରିଙ୍ଗବାଡିର ଆଦିବାସୀ ଆବାସିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରସବ ଘଟଣାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, ଏହି ଘଟଣା ତାଙ୍କୁ ଦୁଃଖିତ ଏବଂ ମର୍ମାହତ କରିଛି। ଉକ୍ତ ଘଟଣାରେ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ମୁଖ୍ୟମନ୍ତ୍ରୀ କ'ଣ ଏବେ କହିବେ " ଆପଣମାନେ ଖୁସି ତ"। ରାଜ୍ୟରେ ବଢିଚାଲିଥିବା ମହିଳା ବିରୋଧୀ ହିଂସା ଓ ବଳାତ୍କାର ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ବିଶେଷ କରି ଜଣେ ଆଦିବାସୀ ଝିଅ ଏପରି ଘଟଣାର ଶିକାର ହେବା ଲଜ୍ଜାଜନକ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପୋଲିସ ପ୍ରଶାସନର ନିଷ୍କ୍ରିୟତାରୁ ଦୋଷୀ ଆଇନ ହାତରୁ ଖସି ଯାଉଛି। ମହିଳା ବିରୋଧୀ ହିଂସା ଓ ବଳାତ୍କାର ଘଟାଇଥିବା ଜଘନ୍ୟ ଅପରାଧୀଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡ ଜରୁରୀ ବୋଲି ଧର୍ମେନ୍ଦ୍ର କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରି ଉକ୍ତ ଘଟଣାରେ ନିଜ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ପୁଣି ଲେଉଟିଲା ଶୀତ

**ଜି.ଉଦୟଗିରି, ୧୩ା୧ (ଡି.ଏନ.ଏ.):** ଜି.ଉଦୟଗିରି ସହର ତଥା ଆଖପାଖ ଅଞ୍ଚଳରେ ୩ଦିନ ହେବ ପ୍ରବଳ ଶୀତ ଅନୁଭୂତ ହେଉଛି। କିଛିଦିନ ପୂର୍ବରୁ ଶୀତ କିଛିମାତ୍ରାରେ କମିଥିବା ବେଳେ ପୁଣି ଲେଉଟିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ଥିବାବେଳେ ଶନିବାର ୭ ଓ ରବିବାର ୮.୫ ଡିଗ୍ରୀ ସେଲସିୟସ ରହିଥିବା ସ୍ଥାନୀୟ କୃଷି ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଅକ୍ଷୟ ସେଠୀ କହିଛନ୍ତି। ତେଣୁ ଡ଼ାଲୁଆ ଧାନ ଜାନୁଆରୀ ମାସ ଶେଷ ସୁଦ୍ଧା ରୋଇବାପାଇଁ ସେ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମକର ସଂକ୍ରାନ୍ତି ପରେ ଶୀତର ପ୍ରକୋପ କମିବ ବୋଲି ଅନେକ ବୟସ୍କ ଲୋକ କହୁଛନ୍ତି।

# ମୋ ସ୍କୁଲ ଅଭିଯାନକୁ ୧ ଲକ୍ଷ ଦାନ

**ଶଙ୍କରାଖୋଲ, ୧୩ା୧ (ଡି.ଏନ୍.ଏ.)**

ଚକାପାଦ ବ୍ଲକ ଶଙ୍କରାଖୋଲରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ 'ମୋ ସ୍କୁଲ ଅଭିଯାନକୁ' ଏକ ଲକ୍ଷ ଟଙ୍କା ଦାନ କରିଛନ୍ତି। ଏ ନେଇ ଜିଲାପାଳ ଡ. ବୃନ୍ଦାଡି, ଡିଇଓ ବିକାଶ ଚନ୍ଦ୍ର ପ୍ରଧାନ, ଚକାପାଦ ବିଇଓ ସୁରେଶ କୁମାର ଦାସ ଓ ସିଆର୍‌ସିସି ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରଧାନ ଶିକ୍ଷକ ଜଗନ୍ନାଥ ସାହାଣୀଙ୍କୁ ସ୍ୱାଗତ ଜଣାଇଛନ୍ତି। ଉକ୍ତ ବିଦ୍ୟାଳୟରେ ୨୦୧୮ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ପରୀକ୍ଷା ଫଳ ହୋଇଥିବାରୁ ଗଣଶିକ୍ଷା ବିଭାଗ ପକ୍ଷରୁ ୧ଲକ୍ଷ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଗଣଶିକ୍ଷା ବିଭାଗର ନିୟମ ଅନୁସାରେ ଯେଉଁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ୧୦ମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ପାଠ ପଢ଼ାଉଥିବେ ସେମାନଙ୍କ ସହ ପ୍ରଧାନ ଶିକ୍ଷକ ମିଶି ପୁରସ୍କାର ଅର୍ଥରାଶିକୁ ସମାନ ଭାବରେ ବଣ୍ଟନ କରିବେ। କିନ୍ତୁ ଉକ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନେ ଏହି ଟଙ୍କା ନେଇ ବିଦ୍ୟାଳୟର ବିଭିନ୍ନ ଦିଗରେ ଅଗ୍ରଗତି ପାଇଁ 'ମୋ ସ୍କୁଲ ଅଭିଯାନକୁ' ଏକ ଲକ୍ଷଟଙ୍କା ଦାନ କରିଛନ୍ତି। ଏହା ଅନ୍ୟ ବିଦ୍ୟାଳୟ ପ୍ରତି ଉଦାହରଣ ପାଲଟିବ ବୋଲି ମୋ ସ୍କୁଲ ଅଭିଯାନର ସଭାପତି ପ୍ରଶନ୍ନ କୁମାର ଦାସ ଓ ସଭ୍ୟମାନେ କହିଛନ୍ତି।

## ଲଘୁଚାପ ବର୍ଷାରେ ଘର ଭାଙ୍ଗିବା ଘଟଣା

# ଅସହାୟରେ ଦିନ କାଟୁଛନ୍ତି ଅମୃତଙ୍କ ପରିବାର

**ତୁମୁଡିବନ୍ଧ, ୧୩ା୧ (ଡି.ଏନ୍.ଏ.)**



ଅଗଷ୍ଟ ମାସର ଲଘୁଚାପ ବର୍ଷାରେ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇ ଥିବାରୁ ଆଜି ପର୍ଯ୍ୟନ୍ତ ସପରିବାର ପଡ଼ିଶା ପିଣ୍ଡାରେ ରହୁଛୁ ବୋଲି ତୁମୁଡି ବନ୍ଧ ବ୍ଲକ ଝିରିପାଣୀ ଗ୍ରାମର ଅମୃତ ପାତ୍ର କହିଛନ୍ତି। ପାତ୍ରଙ୍କ ପରିବାରରେ ଝିଅ, ପୁଅ ଓ ସ୍ୱାମୀ, ସ୍ତ୍ରୀଙ୍କୁ ମିଶାଇ ୮ କୁଟୁମ୍ବ, ଏକ ଝାଟିମାଟି ଘରେ ରହୁଥିଲେ। ମୂଲ ଲାଗି ତାଙ୍କ ପରିବାର ଚଳୁଥିଲା। କିନ୍ତୁ ଅଗଷ୍ଟ ୧୬ରେ ହୋଇଥିବା ଲଘୁଚାପ ବର୍ଷାରେ ତାଙ୍କ ଘର ଭାଙ୍ଗି ଯିବା ସହ ଧାନ ଚାଉଳ, ଆବଶ୍ୟକୀୟ ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏ ନେଇ ତୁମୁଡ଼ିବନ୍ଧ ବିଡିଓ ଓ ତହସିଲଦାର, ବ୍ଲକ ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଭାବେ ଜଣାଇବାରୁ ତହସିଲଦାର କେବଳ ପଲିଥିନ ଦେଲେ। ପରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀରେ ମଧ ଏ ନେଇ ଜଣାଯାଇଛି। ହେଲେ ଏ ଯାଏ କିଛି ପାଇନାହାନ୍ତି। ତେବେ ତୁମୁଡି ବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟଦେବ ଦାସଙ୍କୁ ପଚାରିବାରୁ ଝିରିପାଣି ଯାଇ ତଦନ୍ତ କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଆସ ଖେଳିବା ଖେଳ କାର୍ଯ୍ୟକ୍ରମ

**ଫିରିଙ୍ଗିଆ, ୧୩ା୧**


ସଂଗଠନ କର୍ମକର୍ତ୍ତା ଓ ଅନ୍ୟମାନେ।

ଫିରିଙ୍ଗିଆ ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ଆସ ଖେଳିବା ଖେଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୋଡାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଫିରିଙ୍ଗିଆ ପଞ୍ଚାୟତରୁ ମୋଟ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ । ପିଲାମାନଙ୍କ ମଧ୍ୟରେ ୧୦୦, ୨୦୦ ମିଟର ଦୌଡ, ପୁଚି ଓ ଦଉଡି ଡିଆଁ ଆଦି ଖେଳ ବରିଷ୍ଠ ଏବଂ କନିଷ୍ଠ ବର୍ଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର, ବିଜୁ ଯୁବ ବାହିନୀ ସମ୍ପାଦକ ରାଜକିଶୋର ପ୍ରଧାନ, ସଭାପତି ରାଜେଶ ଦିଗାଲ ଓ କିରନ କୁମାର ନାୟକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବାସୁଦେବ ସାହାଣୀ ଖେଳ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ବାସନ୍ତୀ ଦେଇ, ନିର୍ମଳା ସାହାଣୀ, ସୁଚିତ୍ରା ଦିଗାଲ ଓ ଶିକ୍ଷକ ଗୋପାଳ କହଁର ପ୍ରମୁଖ ସହଯୋଗ କରିଥିଲେ ।


ଭାରତୀୟ ରେଳପଥ

ପୂର୍ବୋଦୟରୁ
ହେଉଅଛି ନୂଆ ଭାରତର ଉଦୟ

ରେଳପଥ ଖୋଲୁଛି
ଓଡ଼ିଶାର ଆର୍ଥିକ ସମୃଦ୍ଧିର ନୂତନ ମାର୍ଗ







ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ
ଝାରସୁଗୁଡ଼ାଠାରେ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କ
ଝାରସୁଗୁଡ଼ା-ବିଜୟନଗରମ୍ ଏବଂ ସମ୍ବଲପୁର-ଅନୁଗୋଳ ରେଳ ଲାଇନ୍‌ର ବିଦ୍ୟୁତୀକରଣ
ବରପାଲି-ଡୁଙ୍ଗୁରିପାଲି ଏବଂ ବଲାଙ୍ଗୀର-ଦେଓଗାଁ ରୋଡ଼ ରେଳ ଲାଇନ୍ ଦୋହରୀକରଣ
ଥେରୁବାଲି-ସିଙ୍ଗାପୁର ରୋଡ଼ ଷ୍ଟେସନ ମଧ୍ୟରେ ବ୍ରିଜ୍ ନଂ.୫୮୮

ଶୁଭ ଉଦ୍‌ଘାଟନ
ବଲାଙ୍ଗୀର-ବିଚ୍ଛୁପାଲି ନୂଆ ଲାଇନ୍, ବଲାଙ୍ଗୀର

ସବୁଜ ପତାକା ପ୍ରଦର୍ଶନ
ବଲାଙ୍ଗୀର-ବିଚ୍ଛୁପାଲି ନୂଆ ରେଳ ଲାଇନ୍‌ରେ ରେଳ ଚଳାଚଳର ଶୁଭାରମ୍ଭ

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

ମୁଖ୍ୟାଂଶ
ଉନ୍ନତ ରେଳ ଯାତାୟତ ସଂଯୋଗ ଦିଗରେ ଏକ ବଳିଷ୍ଠ ପଦକ୍ଷେପ
ଶିଳ୍ପୋଦ୍ୟୋଗକୁ ଅଧିକ ରାଜସ୍ୱ ଓ ସୁବିଧା
ଜନଜାତି ଅଧ୍ୟୁଷିତ ଅଞ୍ଚଳକୁ ବର୍ଦ୍ଧିତ ସେବା

ଗରିମାମୟ ଉପସ୍ଥିତି

ପ୍ରଫେସର ଗଣେଶୀ ଲାଲ
ରାଜ୍ୟପାଳ, ଓଡ଼ିଶା

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୁଷମା ସ୍ୱରାଜ
ବୈଦେଶିକ ବ୍ୟାପାର ମନ୍ତ୍ରୀ
ଭାରତ ସରକାର

ପ୍ରକାଶ ଜାଭଡ଼େକର
ମାନବ ସମ୍ବଳ ବିକାଶ ମନ୍ତ୍ରୀ
ଭାରତ ସରକାର

ଜୁଏଲ ଓରାମ
ଜନଜାତି ବ୍ୟାପାର ମନ୍ତ୍ରୀ
ଭାରତ ସରକାର

ପିୟୂଷ ଗୋଏଲ
ରେଳ ମନ୍ତ୍ରୀ
ଭାରତ ସରକାର

ଧର୍ମେନ୍ଦ୍ର ପ୍ରଧାନ
ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ
ଭାରତ ସରକାର

ଡ. ମହେଶ ଶର୍ମା
ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ (ସାଧୀନ ଦାୟିତ୍ୱ)
ଭାରତ ସରକାର

୧୫ ଜାନୁୟାରୀ ୨୦୧୯ । ବଲାଙ୍ଗୀର ଷ୍ଟେସନ

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୧୩।୧: ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବ୍ରହ୍ମପୁର ସଦରଥାନା ପୋଲିସ ରବିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଗିରଫ ଯୁବକ ଜଣକ ହେଲେ ଲାଠି ଗ୍ରାମ କୁମ୍ଭାର ସାହିର ବାବୁ ବେହେରା । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି । ପ୍ରକାଶ ଯେ, ଚେନ୍ନାଇର ଏକ ଘରୋଇ କମ୍ପାନୀରେ କାର୍ଯ୍ୟକରୁଥିବା ବାବୁ ଗତ କିଛିଦିନ ତଳେ ଘରକୁ ଫେରିଥିଲେ । ଗତ ଶୁକ୍ରବାର ରାତିରେ କୌଣସି ବିଷୟକୁ ନେଇ ସେହି ଗ୍ରାମର ବନମାଳୀ ବେହେରାଙ୍କ ସହ ତାଙ୍କର ବଚସା ହୋଇଥିଲା । ଏଥିରେ ବାବୁ ଉତ୍‌କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ବନମାଳୀଙ୍କ ମୁଣ୍ଡ ଓ ହାତରେ ଆଘାତ କରିଥିଲେ । ଫଳରେ ବନମାଳୀ ଗୁରୁତର ହୋଇଥିଲେ । ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି । ଏନେଇ ବନମାଳୀଙ୍କ ବାପା ସଦର ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ. ୯/୧୯ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ବାବୁଙ୍କୁ ଗିରଫ କରିଥିବା ନେଇ ଆଇଆଇସି ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି ।

### ବିଷ ପିଇ ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ୍,୧୩।୧: ବ୍ରହ୍ମପୁର ସଦରଥାନା ଅଧୀନସ୍ଥ ଡେଙ୍ଗାପଦର ଗ୍ରାମରେ ଶନିବାର ବିଷ ପିଇ ଜଣେ ମହିଳାଙ୍କ ମତ୍ତୁ୍ୟ ଘଟିଛି । ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ହେଲେ ଗ୍ରାମର ରାମଚନ୍ଦ୍ର ସେଠୀଙ୍କ ସ୍ତ୍ରୀ ଟିକି । ପ୍ରକାଶଯେ, ଟିକି ଶନିବାର ସନ୍ଧ୍ୟାରେ ଘରେ କେହି ନ ଥିବା ସମୟରେ କୌଣସି କାରଣରୁ କୀଟନାଶକ ଔଷଧ ପିଇଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ସଦର ଥାନା ପୋଲିସ ନଂ. ୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି ।

### ଭାଗବତ ଜ୍ଞାନଯଜ୍ଞ ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧୩।୧: ସ୍ଥାନୀୟ ଗୀତା ଭବନରେ ସପ୍ତାହ ବ୍ୟାପୀ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ମହନ୍ତ ରାମକୃଷ୍ଣ ଦାସ ମହାରାଜ ଭାଗବତ ଦଶମ ସ୍କନ୍ଦକୁ ନେଇ ଆଧାତ୍ମିକ ପ୍ରବଚନ ଦେଇଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ବହୁ ସଂଖ୍ୟକ ଭାଗବତପ୍ରେମୀ ମହିଳା ଓ ପୁରୁଷ ଯୋଗ ଦେଇଥିଲେ ।

## ବ୍ରଜନଗର ଉନ୍ନୟନ ପରିଷଦର ସ୍ୱତନ୍ତ୍ର ବୈଠକ

# ବ୍ରହ୍ମପୁରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବିକୁ ସମର୍ଥନ

ବ୍ରହ୍ମପୁର ଅଫିସ,୧୩।୧


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ବ୍ରଜନଗର ଉନ୍ନୟନ ପରିଷଦର ସ୍ୱତନ୍ତ୍ର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ରଜନଗର ରାଧାକୃଷ୍ଣ ମନ୍ଦିର ପରିସରରେ ପରିଷଦ ସମ୍ପାଦକ ସଞ୍ଜୀବ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଞ୍ଚଳରେ ଥିବା ଦୀର୍ଘ ଦିନର ସମସ୍ୟା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା । ଅଞ୍ଚଳକୁ ରାସ୍ତାଘାଟ, ପାନୀୟଜଳ, ନାଳ, ନର୍ଦ୍ଦମା, ପରିମଳ ବ୍ୟବସ୍ଥା, ଷ୍ଟ୍ରିଟ ଲାଇଟ ଜନିତ ସମସ୍ୟା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଦୀର୍ଘବର୍ଷ ଧରି ଅଞ୍ଚଳବାସୀ ଉପରୋକ୍ତ ମୌଳିକ ସମସ୍ୟାରୁ ବଞ୍ଚିତ ହୋଇଛନ୍ତି । ଷ୍ଟ୍ରିଟ ଲାଇଟ ଲଗାଇବା ନେଇ ଅନୁମୋଦନ ମିଳିଥିଲେ ମଧ୍ୟ ଏଥିପ୍ରତି ଅବହେଳା କରାଯାଉଛି । ଏଥିସହ ବ୍ରଜନଗର ମନ୍ଦିର ପାର୍ଶ୍ୱ ରାସ୍ତା, କଲ୍ୟାଣ ମଣ୍ଡପ, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଅନୁମୋଦନ ମିଳିଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭରେ ବିଳମ୍ବ କରାଯାଉ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବୁଲୁ ବେହେରା ଉପସ୍ଥିତ ରହି କାର୍ଯ୍ୟ ଆରମ୍ଭ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ । ବ୍ରଜନଗର ଖାଉଟିଙ୍କ ସୁବିଧା ପାଇଁ ସରକାରଙ୍କ ସାଧାରଣ ବଣ୍ଟନ ବ୍ୟବସ୍ଥା ଯୋଜନା ଅଧୀନରେ ଅନୁମୋଦିତ ବ୍ରଜନଗର ଖାଉଟି ସାମଗ୍ରୀ ଉପଲବ୍ଧ ଡିଲର ପଏଣ୍ଟଟି ଖାଲିଥିବା ସତ୍ତ୍ୱେ ନୂତନ ଡିଲର ବାରମ୍ବାର ଦାବି ସତ୍ତ୍ୱେ ପୂରଣ କରାଯାଉ ନ ଥିବା ଅଭିଯୋଗ କରାଯାଇଥିଲା। ତୁରନ୍ତ ଖାଲିଥିବା ଡିଲ ପଏଣ୍ଟ ପୂରଣ କରିବାକୁ ଦାବି କରାଯାଇଥିଲା । ଏହି ଅଞ୍ଚଳ ସମେତ ସହରତଳି ଅଞ୍ଚଳକୁ

### ଅଞ୍ଚଳର ଉନ୍ନୟନ କାର୍ଯ୍ୟ ଦ୍ୱରିତ କରିବା ଉପରେ ଗୁରୁତ୍ୱ

ବିଏମ୍‌ସିରେ ସାମିଲ କରାଯିବା ନେଇ ଚାଲିଥିବା ଆନ୍ଦୋଳନକୁ ଅଧିକ ଦ୍ୱରାନ୍ୱିତ କରିବାକୁ କୋର କମିଟି ଗଠନ ନେଇ ପ୍ରକ୍ରିୟା ଚାଲୁରହିଛି । ଏହା ସମ୍ପୂର୍ଣ୍ଣ ହେଲା ପରେ ଆନ୍ଦୋଳନର ନୂତନ ରୂପରେଖ ପ୍ରସ୍ତୁତ କରାଯିବା ବୋଲି ସମ୍ପାଦକ ପଟ୍ଟନାୟକ ସୂଚାଇଥିଲେ। ବ୍ରହ୍ମପୁରକୁ ସ୍ୱତନ୍ତ୍ର ଜିଲାର ମାନ୍ୟତା ପ୍ରଦାନ ନେଇ ହୋଇଥିବା ଦାବିକୁ ସଂଗଠନ ସମର୍ଥନ କରିବା ସହ ଆଗାମୀ ଦିନରେ ଏହି ଦାବି ନେଇ ହେବାକୁ ଥିବା ଆନ୍ଦୋଳନରେ ସମିଲ ହେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହା ଦ୍ୱାରା ସରକାରୀ ଯୋଜନା ଅଞ୍ଚଳବାସୀଙ୍କ ନିକଟରେ ପହଞ୍ଚିବା ସହ ବ୍ରହ୍ମପୁର ଓ ଆଖପାଖ ଅଞ୍ଚଳର ବିକାଶ ହେବ ବୋଲି ମତ ପ୍ରକାଶ ପାଇଥିଲା । ବୈଠକରେ ବି.ଭି.ସାଗର, ପ୍ରଫେସର ରଙ୍ଗନାଥ ମିଶ୍ର, ପ୍ରଫୁଲ୍ଲ ଚନ୍ଦ୍ର ଦାଶ, କୃଷ୍ଣ ମୋହନ ପାଢୀ, ସୁରେନ୍ଦ୍ର ନାଥ ନାୟକ ଓ ଗରିବ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ୬ଷ୍ଠ ସନ୍ଧ୍ୟା

# ନାରୀର ତ୍ୟାଗ କାହାଣୀ କହିଲା 'କମଳା'


ନାଟକ 'କମଳା'ର ଏକ ଦୃଶ୍ୟ ।

ବ୍ରହ୍ମପୁର ଅଫିସ,୧୩।୧

ନାରୀ ସମାଜର ଦିଗ୍‌ଦର୍ଶକ । ସୁସମାଜ ତଥା ଏକ ଉତ୍ତମ ପରିବାର ଗଠନର ମୂଳଆଧାର ନାରୀ । ହିନ୍ଦୁଶାସ୍ତ୍ର ପୁରାଣରେ ନାରୀଙ୍କୁ ପ୍ରାଧାନ୍ୟ ଦିଆଯାଇଛି । କିନ୍ତୁ ଏହି ପରିବର୍ତ୍ତିତ ଆଧୁନିକ ସମାଜରେ ନାରୀ ଆଜି ନିର୍ଯାତିତା, ପରିତ୍ୟକ୍ତା ଓ ଯନ୍ତ୍ରଣାରେ ଜର୍ଜରିତ । ଅନ୍ୟର ସ୍ୱାର୍ଥ ଓ ଆବଶ୍ୟକତା ପୂରଣ କରିବାକୁ ଯାଇ ନାରୀ କିପରି ସର୍ବସ୍ୱ ତ୍ୟାଗ କରେ, ଏଭଳି ଏକ ବାସ୍ତବ କାହାଣୀକୁ ନେଇ ୧୧ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନାଟକ 'କମଳା' । ଭୁବନେଶ୍ୱର ଜୀବନରେଖା ଅନୁଷ୍ଠାନ ଦ୍ୱାରା ପ୍ରାୟୋଜିତ ଏହି ନାଟକରେ ବର୍ତ୍ତମାନ ସମାଜରେ ନାରୀ ଜୀବନର ଏକ ନିଚ୍ଛକ ଚିତ୍ର ପ୍ରତିଫଳିତ ହୋଇଥିଲା । ବିଜୟ ତେନ୍ଦୁଲକରଙ୍କ ରଚିତ, ଚିନ୍ମୟୀ ଷଡ଼ଙ୍ଗୀଙ୍କ ଓଡିଆ ଅନୁବାଦିତ ଏବଂ ଅଭିନ୍ନ ରାଉତରାୟଙ୍କ ନିର୍ଦ୍ଦେଶିତ ଏହି ନାଟକରେ ତିନୋଟି ନାରୀଙ୍କ ଚରିତ୍ର ମାଧ୍ୟମରେ ନାରୀର ତ୍ୟାଗ, ସମାଜ ଗଠନରେ ତାର ଭୂମିକା ଓ ଗୁରୁତ୍ୱ ଉପରେ ବାର୍ତ୍ତା ଦିଆଯାଇଥିଲା । ନାଟକର ବିଭିନ୍ନ ଭୂମିକାରେ ମାନୁ, ପବିତ୍ର, ଦୀପାନ୍ୱିତ ସ୍ୱାତୀଲିପ୍‌ସା, ଦୀପାଞ୍ଜଳି ଓ ଧରିତ୍ରୀ ପ୍ରମୁଖ ଅଭିନୟ କରିଥିବା ବେଳେ ବାଞ୍ଛାନିଧି ପଟ୍ଟନାୟକ, ପ୍ରତାପ ରାଉତ, ଅଶୋକ କର, ଦେବେନ୍ଦ୍ର, ସିଦ୍ଧାର୍ଥ ଓ ସୁନୀଲ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ । ଓଡିଶା ନାଟକ ସମାରୋହ ସମିତି ପକ୍ଷରୁ ହିଲ୍‌ପାଟଣା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଚାଲିଥିବା ମହୋତ୍ସବର ଷଷ୍ଠ ସନ୍ଧ୍ୟାକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ଉଦ୍‌ଘାଟନ କରିଥିଲେ । ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲା ବିଜେଡି ସହ ପ୍ରଭାରୀ ବିକ୍ରମ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଆଶୋକ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆରତୀ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଭାବଗ୍ରାହୀ ପାଳ ଧନ୍ୟବାଦ ଦେଇଥିଲେ । ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ବିଜେଡି ୩୬ନଂ. ୱାର୍ଡ କମିଟି କର୍ମକର୍ତ୍ତା ମନୋନୀତ

ବ୍ରହ୍ମପୁର ଅଫିସ,୧୩।୧

ବ୍ରହ୍ମପୁର ମହାନଗର ଲାଞ୍ଜିପଲ୍ଲୀରେ ବିଜେଡିର କର୍ମୀ ସମାବେଶ ଅନୁଷ୍ଠିତ ହୋଇ ୩୬ନଂ. ୱାର୍ଡ କମିଟି ଗଠନ ଓ କର୍ମକର୍ତ୍ତା ମନୋନୀତ କରାଯାଇଛି । ଭଗବତ ପ୍ରସାଦ ସିଂହଦେଓ ସଭାପତି ହୋଇଥିବା ବେଳେ ପି. ଚନ୍ଦ୍ରଶେଖର ପାତ୍ର ଓ ମନୋଜ କୁମାର ସାବତଙ୍କୁ ଉପସଭାପତି କରାଯାଇଛି। କେ. ସତ୍ୟ ଦାସ ସାଧାରଣ ସମ୍ପାଦକ ହୋଇଛନ୍ତି । ୪ ଜଣ ସମ୍ପାଦକଙ୍କ ମଧ୍ୟରେ ଦୁର୍ଗା ମାଧବ ସାବତ, ବି. ପ୍ରଦୀପ ପାତ୍ର, ରାଜେନ୍ଦ୍ର କୁମାର ସାବତ ଓ ଦୁର୍ଗାମାଧବ ପାଢ଼ୀ ଅଛନ୍ତି । ନୀଳମାଧବ ବେହେରା ଓ ସୀମାଞ୍ଚଳ ତ୍ରିପାଠୀ ଯୁଗ୍ମ ସମ୍ପାଦକ ଏବଂ ବିଶ୍ୱନାଥ ପ୍ରଧାନ କୋଷାଧ୍ୟକ୍ଷ ହୋଇଛନ୍ତି । ୧୫ ଜଣ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହୋଇଥିବା ପ୍ରେସ ବିଜ୍ଞପ୍ତିରେ ଦର୍ଶାଯାଇଛି। ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, ଜିଲା ବିଜେଡି ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ, ଜିଲା ସଂଗଠନ ଉପସଭାପତି ଉମା ଚରଣ ନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ବିଏମ୍‌ସି ପୂର୍ବତନ ଡେପୁଟି ମେୟର ଜ୍ୟୋସ୍ନା ନାୟକ, ଭଗବାନ ଗନ୍ତାୟତଙ୍କ ସମେତ ଗଙ୍ଗାଧର ପାତ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ କୁମାର ସାହୁ ଓ ପିନାକୀ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


ଗୁରୁଦେବ


ପ୍ରଶାନ୍ତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## କ୍ଷେତ୍ରପ୍ରଚାର ବିଭାଗର ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ, ୧୩।୧

ଭାରତ ସରକାରଙ୍କ କ୍ଷେତ୍ରପ୍ରଚାର ବ୍ରହ୍ମପୁର କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ସଚେତନ କାର୍ଯ୍ୟକ୍ରମ ଗଜପତି ଜିଲା ମୋହନା ବ୍ଲକ ଗୋବିନ୍ଦପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରପ୍ରଚାର ଅଧିକାରୀ ମନମୋହନ ପାଢୀଙ୍କ ଅଧ୍ୟକ୍ଷତାରେ ଗୋବିନ୍ଦପୁର କେ.ଏସ. ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଲାବଣ୍ୟ ମଲିକ, ସମିତି ସଭ୍ୟ ବାଳକୃଷ୍ଣ ପ୍ରଧାନ, ଡ. ଶିବରାମ ପଣ୍ଡା, ମୋହନା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନାରଗୁ କଅଁର, ଅଙ୍ଗନୱାଡି ପରିଦର୍ଶିକା ମେନକା ଦେବୀ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଶିବରାମ ପଣ୍ଡା ବକ୍ତାଭାବେ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ଗଠନରେ ସ୍ୱଚ୍ଛତାର ସକାରାତ୍ମକ ପ୍ରଭାବ ଉପରେ ଆଲୋକପାତ କରିଥିଲେ । କ୍ଷେତ୍ରପ୍ରଚାର ଅଧିକାରୀ ପାଢୀ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱଚ୍ଛଭାରତ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ବାହ୍ୟ ମଳତ୍ୟାଗ, ପରିପାର୍ଶ୍ୱ ସ୍ୱଚ୍ଛ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱ ସହ ସଚେତନ କରାଇଥିଲେ । ଏହି ଅବସରରେ ଏକ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଶୋଭାଯାତ୍ରା ସ୍କୁଲରୁ ବାହାରି ସହର ପରିକ୍ରମା କରିଥିଲା । ଏକ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇ କୃତୀପ୍ରତିଯୋଗୀଙ୍କୁପୁରସ୍କୃତକରାଯାଇଥିଲା। ଉପସ୍ଥିତ ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଛାତ୍ରୀଛାତ୍ରଙ୍କୁ ପାରିପାର୍ଶ୍ୱିକ ସ୍ୱଚ୍ଛତା ସହ ବାହ୍ୟ ମଳତ୍ୟାଗ ନେଇ ଶପଥ ପାଠ କରାଯାଇଥିଲା । ସିଆରସିସି ପ୍ରହଲ୍ଲାଦ ମିଶାଲ ଧନ୍ୟବାଦ ଦେଇଥିବା ବେଳେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏସ୍. ଗଣେଶ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କ୍ଷେତ୍ରପ୍ରଚାର କାର୍ଯ୍ୟାଳୟର ଭିଏସ ଫଣୀକୁମାର ଏବଂ ପ୍ରମୋଦ କୁମାର ସାବତ ସହଯୋଗ କରିଥିଲେ ।

# ଅଲ୍ ଓଡିଶା ଜୁନିୟର୍ ହ୍ୟାଣ୍ଡବଲ୍ ଚାମ୍ପିୟନ୍‌ଶିପ୍ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ୍,୧୩।୧

ସ୍ଥାନୀୟ ଖଲ୍ଲିକୋଟ କଲେଜ ଖେଳ ପଡିଆରେ ରବିବାରରୁ ୨୫ତମ ଅଲ୍ ଓଡିଶା ଜୁନିୟର୍ ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି । ବ୍ରହ୍ମପୁର ମହାମନଗର ନିଗମ ସହାୟତାରେ ଗଞ୍ଜାମ ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଟୁର୍ନାମେଣ୍ଟକୁ ବିଏମ୍‌ସି କମିଶନର୍ ଚକ୍ରବର୍ତ୍ତୀ ସିଂହ ରାଠୋର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଯୁବ ନେତା ବିକ୍ରମ ପଣ୍ଡା, ରାଜ୍ୟ ହ୍ୟାଣ୍ଡବଲ୍ ଆସୋସିଏଶନ ସଭାପତି ଏମ୍.ଅଲ୍ଲୀ ଯୋଗଦେଇଥିଲେ । ଗଞ୍ଜାମ ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ ସଭାପତି ଅଶୋକ ଶୁକ୍ଳା, ସମ୍ପାଦକ ସୁରେଶ ପାଢୀ, କୋଚ୍ ପ୍ରକାଶ ପଣ୍ଡା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଜିଲାର ୯ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏହା ଦୁଇ ଦିନ ଧରି ଚାଲିବ ବୋଲି ଜଣାପଡିଛି । ଅତିଥିମାନେ ପ୍ରତିଯୋଗୀମାନଙ୍କ ସହିତ କରମର୍ଦ୍ଦନ କରିବା ପରେ କ୍ରୀଡା ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା । ରେଫରି ଭାବେ ପ୍ରଶାନ୍ତ ରଥ ଏବଂ ଟୁର୍ନାମେଣ୍ଟ ସାଙ୍ଗଠନିକ ସମ୍ପାଦକ ମଞ୍ଚ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବିଏମ୍‌ସି କର୍ତ୍ତୃପକ୍ଷ ଏବଂ ଗଞ୍ଜାମ ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ କର୍ମକର୍ତ୍ତାମାନେ ପରିଚାଳନା କରୁଛନ୍ତି ।


ଅତିଥିମାନେ ପ୍ରତିଯୋଗୀମାନଙ୍କ ସହିତ କରମର୍ଦ୍ଦନ କରୁଛନ୍ତି।

## ଓଡ଼ିଶା ଅସ୍ଥିଶଲ୍ୟ ସଂଘର ବାର୍ଷିକ ଅଧିବେଶନ

# ଗବେଷଣାମୂଳକ ନୂତନ ଅସ୍ଥିଶଲ୍ୟ ଚିକିତ୍ସା ପଦ୍ଧତି ନେଇ ଆଲୋଚନା

ବ୍ରହ୍ମପୁର ଅଫିସ୍,୧୩।୧



ଓଡିଶା ଅସ୍ଥିଶଲ୍ୟ ସଂଘର ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି ।

ବ୍ରହ୍ମପୁର ଉପକଣ୍ଠ କନିଷି ନିକଟ ଜିମେକ୍ସ ରିସୋର୍ଟରେ ଗତ ୨ ଦିନ ଧରି ଚାଲିଥିବା ଓଡିଶା ଅସ୍ଥିଶଲ୍ୟ ସଂଘର ବାର୍ଷିକ ଅଧିବେଶନ ରବିବାର ଉଦ୍‌ଯାପିତ ହୋଇଯାଇଛି । ଦୁଇଦିନ ଧରି ଚାଲିଥିବା ଏହି ଅଧିବେଶନକୁ ସର୍ବଭାରତୀୟ ଅସ୍ଥିଶଲ୍ୟ ସଂଘ ସଭାପତି ତଥା ନୂଆଦିଲ୍ଲୀର ଡ଼. ରାଜେଶ ମାଲହୋତ୍ରା ଉଦ୍‌ଘାଟନ କରିଥିଲେ । ଅସ୍ଥିଶଲ୍ୟ ଚିକିତ୍ସା ପଦ୍ଧତିରେ ବର୍ତ୍ତମାନ ଦେଖାଦେଇଥିବା ନୂତନ ସମସ୍ୟା ଓ ତାର ସମାଧାନ ଦିଗରେ ଗବେଷଣା ମୂଳକ ନୂତନ ଚିକିତ୍ସା ପଦ୍ଧତି ସମ୍ପର୍କରେ ସନ୍ଦର୍ଭ ଉପସ୍ଥାପନ କରାଯାଇଥିଲା । ଏଥିରେ ଅନୁଷ୍ଠିତ କର୍ମଶାଳାରେ ରାଜ୍ୟ, ଦେଶ ଓ ବିଦେଶର ୨୦୦ ଜଣ ଅସ୍ଥିଶଲ୍ୟ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ । ସେଥିରେ ଓଡିଶାର ସମସ୍ତ ସରକାରୀ ଓ ବେସରକାରୀ ମେଡିକାଲ କଲେଜ ହସ୍‌ପିଟାଲର ଡାକ୍ତର ସମେତ ସ୍ନାତକୋତ୍ତର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଡା. ଅବନୀକାନ୍ତ ମିଶ୍ର ସମ୍ମିଳନୀରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଥମ ଅଧିବେଶନରେ ଗୋଇଠି ଅସ୍ତ୍ରୋପଚାର କର୍ମଶାଳାରେ ବିଶିଷ୍ଟ ପାଦ ଓ ଗଣ୍ଠି ବିଶେଷଜ୍ଞ ଡ଼. ରାଜୀବ ଶାହା ପ୍ରଶିକ୍ଷକ ଭାବେ ଯୋଗଦେଇ ଏହାର ବିଭିନ୍ନ ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ଡାକ୍ତର ଦେବାଶିଷ ମିଶ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ ଆଣ୍ଠୁ ପ୍ରତ୍ୟାରୋପଣ ଅସ୍ତ୍ରୋପଚାରର ବିଭିନ୍ନ ଚିକିତ୍ସା ପଦ୍ଧତି ଉପରେ କର୍ମଶାଳାରେ ଯୋଗଦେଇଥିବା ଡାକ୍ତରମାନଙ୍କୁ ବୁଝାଇଥିଲେ । ପରେ ପି.ଟି. ରାଓ ସ୍ମାରକୀ ସମ୍ବର୍ଦ୍ଧନାରେ ଭାରତର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ମୁମ୍ବାଇର ଡାକ୍ତର ଜି.ଏସ୍. କୁଲକର୍ଣ୍ଣୀଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଚଣ୍ଡିଗଡର ରମେଶ ସେନ୍, ପୁଣେର ପଙ୍କଜ ଜିନ୍ଦଲ୍ ଓ କଲିକତାର ରାଜୀବ ରମଣ ପ୍ରମୁଖ ଅଧିବେଶନରେ ଯୋଗଦେଇଥିଲେ । ରବିବାର ଅଧିବେଶନରେ ପ୍ରଥମ କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ସ୍ନାତକୋତ୍ତର ଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ଅସ୍ଥିଶଲ୍ୟ ଚିକିତ୍ସା ପଦ୍ଧତି ଉପରେ କୁଇଜ୍‌ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩ ଜଣ କୃତୀ ଡାକ୍ତରୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷ ଅଧିବେଶନରେ ଓଡିଶା ଅସ୍ଥିଶଲ୍ୟ ସଂଘ ନୂତନ ସଭାପତି ଭାବେ ଡା ଶଙ୍କର୍ଷଣ ପାତ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଦୁଇ ଦିନିଆ ଅଧିବେଶନର ସାଙ୍ଗଠନିକ ସମ୍ପାଦକ ତଥା ବ୍ରହ୍ମପୁର ବଡ ମେଡିକାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସୌଭାଗ୍ୟ ହୋତାଙ୍କ ତତ୍ତ୍ୱାବଧାନରେ ଡ.ସମ୍ବିଦ୍ ପଣ୍ଡା, ଡ.ସନ୍ତୋଷ ସାହୁ, ଡ.ଅଶୋକ ନାୟକ, ଡ.ରବୀନ୍ଦ୍ର ନାୟକ, ଡ.ବିଶ୍ୱକେଶ ପାଣିଗ୍ରାହୀ, ଡ.କେ.ଏମ୍.ପାଠୀ, ଡ.କେ.ସାସ୍କାର ରାଏ, ଡ.ଦେବଦତ୍ତ ପାଢୀ ଓ ଡ.ଆଲୋକ ପୃଷ୍ଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

**କୁକୁଡ଼ାଖଣ୍ଡି,୧୩।୧(ଡି.ଏନ.ଏ.):** କୁକୁଡ଼ାଖଣ୍ଡି ବ୍ଲକ ବାଲିପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମହନ୍ତ ପଦ୍ମଚରଣ ଦାସଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଡିଓ ହରିମୋହନ ଜେନା ଯୋଗ ଦେଇଥିଲେ। ସରପଞ୍ଚ ଉମା ଶଙ୍କର ସାମଲ, ସମିତିସଭ୍ୟ ନିରଞ୍ଜନ ମହାନ୍ତି, ଜିଲା ପରିଷଦ ସଭ୍ୟ ବୃନ୍ଦାବନ ଖଟାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା ବିକାଶ ସମିତି ଦକ୍ଷିଣ-ପୂର୍ବ ସମ୍ଭାଗ ସମ୍ପାଦକ କିରଣ କୁମାର ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭବିଷ୍ୟତରେ ବଡ଼ ହୋଇ ଶିକ୍ଷା ବଳରେ ନିଜ ଗ୍ରାମ ଏବଂ ବିଦ୍ୟାଳୟର ସମ୍ମାନ ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

### ସାହିତ୍ୟ ଉତ୍ସବ

**ଆସିକା,୧୩।୧(ଡି.ଏନ୍.ଏ.):** ଆସିକା ବ୍ଲକ ଚେରମାରିଆସ୍ଥିତ ଲୋକସାହିତ୍ୟ ସଂସଦ ପକ୍ଷରୁ ରବିବାର ଷଷ୍ଠ ଲୋକ ସାହିତ୍ୟୋତ୍ସବ ଅନୁଷ୍ଠିତ ହୋଇଛି। ଏହାକୁ ରବି ରଥ ଉଦଘାଟନ କରିଥିଲେ। ଡ. ରବୀନ୍ଦ୍ରନାଥ ଦାସ ମୁଖ୍ୟବକ୍ତା, ଡ. ପ୍ରଦୀପ ପଟ୍ଟନାୟକ, ପ୍ରଫେସର ଅରବିନ୍ଦ ପଣ୍ଡା, ରବି ପାଣିଗ୍ରାହୀ, କୈଳାସନାଥ ସ୍ୱାଇଁ ପ୍ରମୁଖ ବକ୍ତାଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ରୂପେ ହିଞ୍ଜିଳି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଓ ସିନେ ତାରକା ସମୀର ତ୍ରିପାଠୀ ଯୋଗଦେଇଥିଲେ। ବସ୍ତୁବାଦୀ ଦୁନିଆରେ ଲୋକସାହିତ୍ୟର ସୁରକ୍ଷା ଏକାନ୍ତ ଜରୁରୀ ବୋଲି ଏଥିରେ ମତପ୍ରକାଶ ପାଇଥିଲା। ଲୋକ କଳାକାର ଓ ସାହିତ୍ୟିକଙ୍କୁ ସମ୍ମାନିତ କରାଯାଇଥିଲା। ସୁରେନ୍ଦ୍ରନାଥ ପାଣିଗ୍ରାହୀଙ୍କ 'ଶୂନ୍ୟତାର ସ୍ୱର', ଅଧ୍ୟାପକ ସଞ୍ଜୟ କୁମାର ଷଡଙ୍ଗୀଙ୍କ 'ଭିନ୍ନ ସ୍ୱର', ରାମନାଥ ମାଝିଙ୍କ 'ମୁଁ ନୁହେଁ ତୁମ ପରି' କବିତା ସଂକଳନ ଲୋକାର୍ପିତ ହୋଇଥିଲା। ଜଗନ୍ନାଥ ଗୌଡ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଚିନ୍ମୟ ରଞ୍ଜନ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

### ବିଦ୍ୟାଳୟ ବାର୍ଷିକୋତ୍ସବ

**ଦିଗପହଣ୍ଡି,୧୩।୧(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ରାଧାଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ନାଏବ ସରପଞ୍ଚ ପ୍ରତିନିଧି ମନୋଜ ଚନ୍ଦ୍ର ଚୌଧୁରୀ, ବସନ୍ତ ନାୟକ, ପି. ଯୋଗୀ ରେଡ୍ଡୀ, କନକଲତା ବେହେରା, ଜି. ନାରାୟଣ ସୁନ୍ଦର ରାଓ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

■ ଜବାବ ମାଗୁଛି ଓଡ଼ିଶା, ଜବାବ ମାଗୁଛି ବେବିନା

# ବ୍ରହ୍ମପୁରରେ ଭାଜପା ମହିଳା ମୋର୍ଚ୍ଚାର ଅଭିଯାନ ଆରମ୍ଭ

**ବ୍ରହ୍ମପୁର ଅଫିସ,୧୩।୧**

ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଜବାବ ମାଗୁଛି ଓଡ଼ିଶା ଓ ଜବାବ ମାଗୁଛି ବେବିନା ଅଭିଯାନ ରବିବାର ବ୍ରହ୍ମପୁରରେ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ପୁରୀ ଜିଲା ପିପିଲି ଅଞ୍ଚଳର ବେବିନା ଗଣ ବଳାତ୍କାରର ଶିକାର ହୋଇଥିଲେ ଏବଂ ବିଳମ୍ବରେ ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। ଅଦାଲତରେ ମାମଲାର ବିଚାର କରାଯାଇ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। କ୍ରାଇମବ୍ରାଞ୍ଚ ଦୋଷୀଙ୍କୁ ଖସାଇବା ଉଦ୍ୟମ କରି ସଫଳ ହୋଇଥିବା ଦର୍ଶାଇ ମହିଳା ମୋର୍ଚ୍ଚା ଆନ୍ଦୋଳନକୁ ଓହ୍ଲାଇଥିଲା। ମହିଳା ମୋର୍ଚ୍ଚା ରାଜ୍ୟ ସଂଗଠନ ପରେ ଏବେ ଜିଲାସ୍ତରରେ ଆରମ୍ଭ ହୋଇଛି ।

ରବିବାର ବ୍ରହ୍ମପୁରରେ ଆୟୋଜିତ ମହିଳା ମୋର୍ଚ୍ଚା ଖବରଦାତା ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦିକା ବବିତା ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ବିଏମ୍ସିର ପୂର୍ବତନ କର୍ପୋରେଟର ଆଡଭୋକେଟ ଡ଼. ନମିତାରାଣୀ ପଣ୍ଡା ଉପରୋକ୍ତ ବିଷୟ କହିବା ସହ ବିଜେଡିର ୧୯ ବର୍ଷ ଶାସନରେ ନାରୀ ନିର୍ଯାତନା ବଢ଼ି ଚାଲିଥିବା ଅଭିଯୋଗ କରିଥିଲେ। ମହିଳାମାନେ ସୁରକ୍ଷିତ ମଣୁ ନ ଥିବା କୁନ୍ଦୁଲି, ପିପିଲିରେ ଦଳିତ ଯୁବତୀ ଗଣ ବଳାତ୍କାର ଲଜ୍ଜାଜନକ ଘଟଣା ହୋଇଥିବା କଟାକ୍ଷ କରାଯାଇଥିଲା। ଆପତ୍ତିଜନକ ବୟାନବାଜି ଯୋଗୁ ସେଠାର ବିଧାୟକ ପ୍ରଦୀପ ମହାରଥୀ ମନ୍ତ୍ରୀ ପଦ ହରାଇଛନ୍ତି। ତେବେ ଏହା ଯଥେଷ୍ଟ ହୋଇ ନ ଥିବା ଏବଂ ନୈତିକ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନିଜେ ନେବାକୁ ନେତ୍ରୀଦ୍ୱୟ ଦାବି କରିଥିଲେ ।

ବବିତା ଓ ନମିତା ଆହୁରି କହିଥିଲେ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ସ୍ଥାନରେ ଜନସଚେତନତା ସୃଷ୍ଟି ସହ ଚୁଡ଼ି ସଂଗ୍ରହ କରାଯିବ । ସଂଗୃହୀତ ଚୁଡ଼ି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବ ଓ ସମସ୍ତ ନିର୍ବାଚନ ମଣ୍ଡଳୀର ପ୍ରମୁଖ ସ୍ଥାନରେ ଜନଜାଗରଣ କରାଯିବ। ପୀଡ଼ିତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଅଖଣ୍ଡ ଦୀପ ପ୍ରଜ୍ୱଳନ ସହ ପ୍ରତିବାଦ ସଭା ଅନୁଷ୍ଠିତ ହେବ । ବିଜେଡି ବିଧାୟକମାନଙ୍କୁ ବିରୋଧ କରି ବିକ୍ଷୋଭ ମଧ୍ୟ କରାଯିବ। ନାରୀ ସମାଜର ସୁରକ୍ଷା ଓ ସ୍ୱାଭିମାନ ଦାବି ନେଇ ମହିଳା ମୋର୍ଚ୍ଚା ଜୋରଦାର ଲଢ଼େଇ କରିବାର କୁହାଯାଇଛି। ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁବାସିନୀ ପଟ୍ଟନାୟକଙ୍କ ସମେତ ସୁଶୀଳା ମଲିକ, ଭାଗ୍ୟପ୍ରଭା ପଟ୍ଟନାୟକ ଓ ପଦ୍ମାରାଣୀ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ମହିଳା ମୋର୍ଚ୍ଚା ନେତ୍ରୀ ।

# ନେତାଜୀ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା


ଜଣେ ପ୍ରତିଯୋଗୀ ସଙ୍ଗୀତ ପରିବେଷଣ କରୁଛନ୍ତି ।

**ବ୍ରହ୍ମପୁର ଅଫିସ, ୧୩।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଅଲ ଇଣ୍ଡିଆ ଡିଏସଓ(ଡେମୋକ୍ରେଟିକ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ) ଗଞ୍ଜାମ ଜିଲା ଶାଖା ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। କେସି ଟାଉନ ହାଇସ୍କୁଲରେ ଆୟୋଜିତ ପ୍ରତିଯୋଗିତାରେ ମହାନଗରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟୟନରତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ସର୍ବ କନିଷ୍ଠ, କନିଷ୍ଠ, ବରିଷ୍ଠ ବର୍ଗରେ ସଙ୍ଗୀତ, ନେତାଜୀଙ୍କ ଜୀବନୀ ଉପରେ ପ୍ରବନ୍ଧ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୁକୁନ୍ଦ ସାହୁ, ଚିନ୍ମୟ କୁମାର ସାହୁ, ପ୍ରକାଶ ଚନ୍ଦ୍ର ଶତପଥୀ ଓ ଚିରସ୍ମିତା ରଥ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଆସନ୍ତା ୨୩ରେ ନେତାଜୀଙ୍କ ଜୟନ୍ତୀ ଦିବସ ପାଳନ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ନେଇ ସଂଗଠନ ପକ୍ଷରୁ କୁହାଯାଇଛି। ସଂଗଠନର ଗଞ୍ଜାମ ଜିଲା ସଭାପତି ଶିବାନୀ ଶଙ୍କର ମିଶ୍ର, ସମ୍ପାଦକ ନିମାଇଁ ଚରଣ ସାହୁ, ଉପସଭାପତି ଉଦ୍ଧବ ମହାକୁଡ ଓ କୋଷାଧକ୍ଷ, ନାରାୟଣ ସାହୁଙ୍କ ସମେତ ଡି. ତିରୁପତି ଦୋରା, କିଷାନ ସାହୁ, ରଞ୍ଜନ ସେଠୀ ଓ ବିଭୂତି ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ରେଫେରାଲ ମେକାନିଜମ ଉପରେ ଏଏନ୍ଏମଙ୍କୁ ତାଲିମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ସିଡିଏମଓ ଓ ଅନ୍ୟମାନେ ।

**ବ୍ରହ୍ମପୁର ଅଫିସ,୧୩।୧**

ବ୍ରହ୍ମପୁର ସହରର ବସ୍ତି ଅଞ୍ଚଳ ତଥା ସହରବାସୀଙ୍କୁ ସୁବିଧାରେ ଜରୁରୀକାଳିନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପ୍ରତ୍ୟେକ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚସି)ରେ ରେଫେରାଲ ମେକାନିଜମ କାର୍ଯ୍ୟକ୍ଷମ ହେବ । ଏ ନେଇ ଶୁକ୍ରବାର ହରିଡାଖଣ୍ଡି ଗଣେଶନଗର ଦ୍ୱିତୀୟ ଲାଇନସ୍ଥିତ ଉତ୍ତରାମୁଖୀ ୟୁପିଏଚସିରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଦାନନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ୟାମସୁନ୍ଦର ତ୍ରିପାଠୀ, ଏଡିୟୁପିଏଚଓ ଲଲାଟେନ୍ଦୁ ଦାଶ, ବିଏମସି ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରକାଶ ଚନ୍ଦ୍ର ମହାପାତ୍ର, ମ୍ୟାଲେରିଆ ନିରାକରଣ ଅଧିକାରୀ ଡା. ଆର. ଜଗଦିଶ ପଟ୍ଟନାୟକ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ଆସିଷ୍ଟାଣ୍ଟ ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ । ବର୍ତ୍ତମାନ ସହରର ପ୍ରତ୍ୟେକ ଅଞ୍ଚଳରେ ଜରୁରୀକାଳିନ ସ୍ୱାସ୍ଥ୍ୟସେବାକୁ ପହଞ୍ଚାଇବା ପାଇଁ ବିଭିନ୍ନ ଅଞ୍ଚଳରେ ୭ ଟି ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଛି । କିନ୍ତୁ ଏହି କେନ୍ଦ୍ରରୁ ରୋଗୀଙ୍କୁ ଅନ୍ୟତ୍ର ଚିକିତ୍ସା ପାଇଁ ସ୍ଥାନାନ୍ତର କ୍ଷେତ୍ରରେ ବ୍ୟବସ୍ଥିତ ବ୍ୟବସ୍ଥା ନ ଥିବାରୁ ରୋଗୀଙ୍କୁ ହଇରାଣ ହେବାକୁ ପଡୁଥିଲା । ଏଣିକି ସମସ୍ତ ୟୁପିଏଚସିରୁ ଅନ୍ୟତ୍ର ରୋଗୀଙ୍କୁ ସ୍ଥାନାନ୍ତର ବେଳେ ରୋଗୀଙ୍କୁ ରେଫେର ସ୍ଲିପ ପ୍ରଦାନ କରାଯିବ। ଏଥିସହ ରୋଗୀଙ୍କ ଚିକିତ୍ସା ସମ୍ପର୍କିତ ତଥ୍ୟକୁ ମଧ୍ୟ ରେକର୍ଡ କରାଯିବ ବୋଲି ସୂଚନା ଦିଆଯାଇଥିଲା । ରାଜ୍ୟର ପ୍ରଥମ ସହରଭାବେ ବ୍ରହ୍ମପୁରରେ ରେଫେରେନ୍ସ ମେକାନିଜମ ଉପରେ ସହରର ଏଏନଏମଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ରୋଗୀଙ୍କୁ ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରରେ କିପରି ସୁବିଧାରେ ସ୍ୱାସ୍ଥ୍ୟସେବା ମିଳିପାରିବ ସେ ନେଇ ରହିଥିବା ରେଫେରାଲ ମେକାନିଜମର ପ୍ରକ୍ରିୟା ଉପରେ ଏଏନଏମ ଓ ସିଡିପିଓଙ୍କୁ ତାଲିମ ଦିଆଯାଇଥିଲା । ଟିସିଆଇଏଚସି(ଦି ଚେଞ୍ଜିଂ ଇନିସିଏଟିଭ ଫର ହେଲଦି ସିଟି)ର ପ୍ରୋଗ୍ରାମ ମ୍ୟାନେଜର ହେମନ୍ତ କୁମାର ଦାଶ, ରତନ କୁମାର ଏବଂ ପିଏସଆଇ (ପପୁଲେସନ ସର୍ଭିସିଂ ଇନ ଇଣ୍ଡିଆ)ର ପ୍ରାଣଗୋପାଳ ଦାଶ ପ୍ରମୁଖ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ । ସହରର ୪୩ ଏଏନଏମଙ୍କ ସମେତ ସିଡିପିଓମାନେ ତାଲିମ ଗ୍ରହଣ କରିଥିଲେ ।

### ବିଦ୍ୟାଳୟ ପରିଚାଳନା କମିଟି ଗଠିତ

**ବୁଗୁଡ଼ା,୧୩।୧(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ମୋଟାବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଭିଭାବକ-ଶିକ୍ଷକ ସମ୍ମିଳନୀ ପ୍ରଧାନ ଶିକ୍ଷକ ଗୋପାଳ କୃଷ୍ଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଉକ୍ତ ବିଦ୍ୟାଳୟର ପରିଚାଳନା କମିଟି ଗଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସିଆରସିସି ରାଜ କିଶୋର ଦାଶଙ୍କ ସଭାପତିତ୍ୱରେ କମିଟି ଗଠିତ ହୋଇଯାଇଛି । ପରିଚାଳନା କମିଟିରେ ସଭାପତି ରୂପେ ଉପେନ୍ଦ୍ର ପ୍ରଧାନ, ଉପସଭାପତି ପ୍ରଭାସିନୀ ମହାପାତ୍ର ମନୋନୀତ ହୋଇଥିବା ବେଳେ ଗୀତାଞ୍ଜଳି ନାୟକ, ନର୍ମଦା ପ୍ରଧାନ, ମନ୍ଦାକିନୀ ପ୍ରଧାନ, ନମିତା ପ୍ରଧାନ, ବଂଶୀଧର ପ୍ରଧାନ, ମଞ୍ଜୁଳା ସେଠୀ, ସୁମିତ୍ରା ପ୍ରଧାନ, ରଶ୍ମିତା କୁମାରୀ ଆରୁଖ, କେଶବ ଆରୁଖ, ଶୁଭଶ୍ରୀ ରାଉତ ପ୍ରମୁଖ ସଭ୍ୟାସଭ୍ୟ ରୂପେ ମନୋନୀତ ହୋଇଥିଲେ । ସୁମିତ୍ରା କୁମାରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

### ସ୍କୁଲରୁ ମର୍କ୍ୟୁରି ଲାଇଟ୍ ଚୋରି

**ଗଞ୍ଜାମ,୧୩।୧(ଡି.ଏନ୍.ଏ.)**

ଗଞ୍ଜାମ ସହର ମଧ୍ୟରେ ଥିବା ଭାରତୀ ବିଦ୍ୟାପୀଠରେ ଲାଗିଥିବା ଏକ ଦାମି ମର୍କ୍ୟୁରି ଲାଇଟ୍‌କୁ କେହି ଦୁର୍ବୃତ୍ତ ରବିବାର ଚୋରୀ କରିଥିବା ନେଇ ଗଞ୍ଜାମ ଥାନାରେ ମୌଖିକ ଭାବେ ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ ଏହି ସ୍କୁଲରୁ ଲାଇଟ୍ ଚୋରୀ ହୋଇଥିଲା। ସ୍କୁଲ କିରାଣି ହରି ବାରିକଙ୍କୁ ପଚାରିବାରୁ ରବିବାର ଥାନାରେ ମୌଖିକ ଭାବେ କୁହାଯାଇଛି, ସୋମବାର ଲିଖିତ ଅଭିଯୋଗ କରାଯିବ ବୋଲି କହିଛନ୍ତି।

# ନିଆଁ ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୧୩।୧**

ଛତ୍ରପୁର ଥାନା ହୁମ୍‌ରି ଗ୍ରାମରେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଜଣେ ବୃଦ୍ଧ ଆତ୍ମହତ୍ୟା କରିଛନ୍ତି । ମୃତ ବୃଦ୍ଧ ଜଣକ ହେଲେ ଗ୍ରାମର ପଞ୍ଚୁ ବେହେରା (୫୫) । ରବିବାର ଏନେଇ ବୈଦ୍ୟନାଥପୁର ପୋଲିସ ନଂ.୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।
ପ୍ରକାଶଯେ, ଶନିବାର ସନ୍ଧ୍ୟାରେ ନିଶାସକ୍ତ ଅବସ୍ଥାରେ ପଞ୍ଚୁ ଘର ସମ୍ମୁଖରେ ଥିବା ପାଳଗଦା ଉପରେ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିଲେ । ପରିବାର ଲୋକେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ଯୋଗ ପ୍ରଶିକ୍ଷକ ସମ୍ମାନିତ


ଯୋଗ ପ୍ରଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି ।

**ବ୍ରହ୍ମପୁର ଅଫିସ,୧୩।୧**

ଜାତୀୟ ଯୁବଦିବସ ଅବସରରେ ଶନିବାର ଭୁବନେଶ୍ୱର ସ୍ୱାମୀ ବିବେକାନନ୍ଦ କେନ୍ଦ୍ରରେ ଅନୁଷ୍ଠିତ ସମର୍ଥ ଭାରତ ପର୍ବ କାର୍ଯ୍ୟକ୍ରମରେ ବ୍ରହ୍ମପୁରର ଦୁର୍ଗା କୁମାର ଲାୟକ୍‌ଙ୍କୁ ଶ୍ରେଷ୍ଠ ଯୋଗ ପ୍ରଶିକ୍ଷକ ଭାବେ ସମ୍ମାନିତ କରାଯାଇଛି। ଧାମରା ବନ୍ଦରର ସିଇଓ ସୁବ୍ରତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ଗାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଅନ୍ୟତମ ଅତିଥି ଭାବେ ସର୍ବଭାରତୀୟ ସ୍ୱାମୀ ବିବେକାନନ୍ଦ କେନ୍ଦ୍ରର ହନୁମନ୍ତ ରାଓଜୀ, ନଗର ସଞ୍ଚାଳକ ଗୋପେନ୍ଦ୍ର କିଶୋର ରାୟ ପ୍ରମୁଖ ଯୋଗଦେଇଥିଲେ ।

■ ଆଙ୍କୁଲି ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଉଦ୍‌ଯାପିତ

# ବିଦ୍ୟାର୍ଥୀଙ୍କୁ ନୈତିକ ଶିକ୍ଷାଦାନ ଉପରେ ଗୁରୁତ୍ୱ

**ବ୍ରହ୍ମପୁର ଅଫିସ,୧୩।୧**

ସ୍ଥାନୀୟ ଶିକ୍ଷାଞ୍ଚଳ ଆଙ୍କୁଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଦୁଇଦିନିଆ ଶତବାର୍ଷିକୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଛାତ୍ରୀଛାତ୍ରଙ୍କୁ ପ୍ରାଥମିକସ୍ତରରୁ ଆଧ୍ୟାତ୍ମିକ ମାର୍ଗରେ ନୈତିକତା ଶିକ୍ଷାଦାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଏଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି। ଶତବାର୍ଷିକୀ ଉତ୍ସବ ପାଳନ କମିଟି ସଭାପତି ତଥା ସାମାଜିକ କର୍ମୀ ଭାଗୀରଥି ମହାରଣା ଉଦ୍‌ଯାପନୀ ସନ୍ଧ୍ୟାରେ ଅଧକ୍ଷତା କରିଥିଲେ। ଏହି ଶିକ୍ଷାନୁଷ୍ଠାନର ଐତିହ୍ୟ ନେଇ ସେ ଆଲୋକପାତ କରିଥିଲେ । ବିଶିଷ୍ଟ ସାହିତ୍ୟିକ ପ୍ରଫୁଲ୍ଲ କୁମାର ମାଝି, ଦେବଦତ୍ତ ପଟ୍ଟନାୟକ, ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ଶିକ୍ଷାବିତ କେ. କୃଷ୍ଣମୂର୍ତ୍ତି, ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। କମିଟି ସାଧାରଣ ସମ୍ପାଦକ ପ୍ରସନ୍ନ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ପଟ୍ଟନାୟକ ମଞ୍ଚାସୀନ ଥିଲେ । ଏଲ. ସୁଦାମ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ଏବଂ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ପ୍ରକାଶିତ ଶତବାର୍ଷିକୀ ସ୍ମରଣିକା ଲୋକାର୍ପିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।


ଉତ୍ସବରେ ଅତିଥି ଓ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ।

■ ପେଥାଇରେ ପ୍ରାଣୀ ସମ୍ପଦ ନଷ୍ଟ ଘଟଣା

# ୧୧୦ ଜଣ ପାଇବେ କ୍ଷତିପୂରଣ

**ସମୀରକାନ୍ତ ତ୍ରିପାଠୀ**
**ବ୍ରହ୍ମପୁର ଅଫିସ୍,୧୩।୧**

ଡିସେମ୍ବରରେ ହୋଇଥିବା ବାତ୍ୟା 'ପେଥାଇ' ପ୍ରଭାବରେ ଗଞ୍ଜାମ ଜିଲାରେ ବହୁ ପ୍ରାଣୀ ସମ୍ପଦ ନଷ୍ଟ ହୋଇଥିଲା। ହେଲେ ଗୃହପାଳିତ ପ୍ରାଣୀଙ୍କୁ ହରାଇଥିବା ଲୋକଙ୍କୁ ଏ ଯାଏ କ୍ଷତିପୂରଣ ମିଳିନି। ଅନ୍ୟପଟେ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କ୍ଷତି ଆକଳନ କରାଯାଇଛି, ଖୁବ୍‌ଶୀଘ୍ର କ୍ଷତିପୂରଣ ଦିଆଯିବ ବୋଲି ବିଭାଗୀୟ ଦପ୍ତରରୁ ସୂଚନା ମିଳିଛି । ପେଥାଇରେ ଗୃହପାଳିତ ପ୍ରାଣୀ ହରାଇଥିବା ୧୧୦ ଜଣଙ୍କୁ ମୋଟ ୪୧ ଲକ୍ଷ ୯୧ ହଜାର ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି ଜଣାପଡିଛି।

ପେଥାଇରେ ଛତ୍ରପୁର, ବ୍ରହ୍ମପୁର ଓ ଭଞ୍ଜନଗର ସବ୍‌ଡିଭିଜନ୍‌ରୁ ୧୧୦ ଜଣଙ୍କ ୩୫ ଗାଈ, ୨୬୫ ବାଛୁରୀ ଏବଂ ୫ ଛେଳି ମୃତ୍ୟୁ ଘଟିଥିଲା। ଭଞ୍ଜନଗର ସବ୍‌ଡିଭିଜନ୍ ଅନ୍ତର୍ଗତ ଧରାକୋଟ, ଶେରଗଡ, ସୋରଡା, ଆସିକା, ବୁଗୁଡା ଓ ଜଗନ୍ନାଥପ୍ରସାଦ ବ୍ଲକରେ ୫ ଛେଳି, ୨୬ ଗାଈ ଏବଂ ୨୩୦ ବାଛୁରୀଙ୍କ ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ବାବଦକୁ ୯୩ ଜଣଙ୍କୁ ୩୫ ଲକ୍ଷ ୨୯ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଜଣାଯାଇଛି ।


ସାନଖେମୁଣ୍ଡି ବ୍ଲକ ଅଞ୍ଚଳର ଏକ ଖୋଲା ଗୋଠରେ ଥିବା ଗୋରୁ।

■ ଦିଆଯିବ ୪୧ ଲକ୍ଷ ୯୧ ହଜାର ଟଙ୍କା

■ ଗାଈ, ଛେଳି କିଣିବା ପରେ ଆକାଉଣ୍ଟକୁ ଆସିବ ଟଙ୍କା

ବ୍ରହ୍ମପୁର ସବ୍‌ଡିଭିଜନ୍ ଅନ୍ତର୍ଗତ ଦିଗପହଣ୍ଡି, ସାନଖେମୁଣ୍ଡି ଓ ପାତ୍ରପୁର ବ୍ଲକରେ ୮ ଜଣଙ୍କର ୪ ଗାଈ ଓ ୩୧ ବାଛୁରୀ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ବାବଦକୁ ଏହି ୮ ଜଣଙ୍କୁ ୪ ଲକ୍ଷ ୪୮ ହଜାର ଟଙ୍କା ଦିଆଯିବ। ସେହିପରି ଛତ୍ରପୁର ସବ୍‌ଡିଭିଜନ୍ ଅନ୍ତର୍ଗତ ଛତ୍ରପୁର ଓ ଖଲ୍ଲିକୋଟ ବ୍ଲକରେ ପେଥାଇରେ ୯ ଜଣଙ୍କର ୫ ଗାଈ ଓ ୪ ବାଛୁରୀ ମୃତ୍ୟୁ ଘଟିଥିବାରୁ ସମ୍ପୃକ୍ତ ମାଲିକମାନେ କ୍ଷତିପୂରଣ ବାବଦକୁ ୨ ଲକ୍ଷ ୧୪ ହଜାର ଟଙ୍କା ପାଇବେ ବୋଲି ଜଣାଯାଇଛି। ପେଥାଇରେ ନଷ୍ଟ ହୋଇଥିବା ପ୍ରାଣୀ ସମ୍ପଦର ତାଲିକା ପ୍ରସ୍ତୁତ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯିବା ପରେ ରାଜସ୍ୱ ବିଭାଗ ପକ୍ଷରୁ ପୁଣି ସର୍ଭେ ହୋଇଥିଲା। ତାହା ଜିଲାପାଳଙ୍କ ଅନୁମୋଦନ ହୋଇଛି। ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ ପରେ କ୍ଷତିପୂରଣ ଦିଆଯିବ ବୋଲି ଜଣାଯାଇଛି । ସୂଚନାଯୋଗ୍ୟ, ପେଥାଇ ପୂର୍ବରୁ ହୋଇଥିବା ତିତିଲି ବାତ୍ୟାରେ ଗୃହପାଳିତ ପ୍ରାଣୀ ହରାଇଥିବା ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯାଇଥିଲା। ହେଲେ ହିତାଧିକାରୀମାନେ ଉକ୍ତ ଟଙ୍କାକୁ ଅନ୍ୟତ୍ର ଖର୍ଚ୍ଚ କରିଥିବା ବିଭାଗ ନିକଟକୁ ଅଭିଯୋଗ ଆସିଥିଲା । ତେଣୁ ପେଥାଇ ପରେ ପ୍ରାଣୀ ସମ୍ପଦ ବିଭାଗ ରିପୋର୍ଟକୁ ଭିତ୍ତିକରି ରାଜସ୍ୱ ଏବଂ ପଞ୍ଚାୟତିରାଜ ବିଭାଗ ଜରିଆରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଜଣାପଡିଛି । ହିତାଧିକାରୀମାନେ ପୁଣି ଗାଈ ଓ ଛେଳି କିଣିବା ପରେ ବ୍ଲକ ପକ୍ଷରୁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଦିଆଯିବ। ବାଛୁରୀ ମୃତ୍ୟୁ ବାବଦ ଅର୍ଥ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

**ସେମାନେ କୁହନ୍ତି**

"ପେଥାଇ ବେଳେ ଗୁହାଳରେ ଗାଈ, ବାଛୁରୀ ରଖା ଯାଇଥିଲା । ସ୍ଥାନ ଅଭାବରୁ ମୋର ଓ ଭାଇ ଭାସ୍କରଙ୍କର କିଛି ଗୋରୁ ବାହାରେ ଛାଡ଼ିଥିଲୁ। ସେଥିରୁ ୪ ଗାଈ ଓ ୩୦ ବାଛୁରୀଙ୍କ ମୃତ୍ୟୁ ଘଟିଛି। ଗୋପାଳନ କରି ପରିବାର ପୋଷୁଛି। ମାସକ ପରେ ବି କ୍ଷତିପୂରଣ ମିଳି ନ ଥିବାରୁ ସମସ୍ୟା ସୃଷ୍ଟି ହେଉଛି ।
**-ଖଲି ଗୌଡ, ସୁମନ୍ତପୁର, ସାନଖେମୁଣ୍ଡି ବ୍ଲକ**

"ଗୃହପାଳିତ ପ୍ରାଣୀ କ୍ଷତି ସହିଥିବା ପ୍ରକୃତ ହିତାଧିକାରୀ ଚୟନରେ ପାତରଅନ୍ତର ହୋଇଛି। ଅନ୍ୟପଟେ କ୍ଷତିପୂରଣ ରାଶି ପ୍ରଦାନରେ ବିଳମ୍ବ ଘଟୁଥିବାରୁ ସମସ୍ୟା ଉପୁଜୁଛି। ତିତିଲିରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ଆବେଦନକାରୀଙ୍କୁ ଏଯାବତ୍ କ୍ଷତିପୂରଣ ମିଳିନି। ତେଣୁ ପେଥାଇ କ୍ଷତିଗ୍ରସ୍ତଙ୍କ ତାଲିକା ଉପରେ ଟିକିନିଖି ଯାଞ୍ଚ ହେବା ଆବଶ୍ୟକ।
**-ଶ୍ରୀକାନ୍ତ ପାଢୀ, ଭାଜପା ପୂର୍ବତନ ରାଜ୍ୟ ସମ୍ପାଦକ**

"ଲୋକେ ଖୋଲା ଗୋଠରେ ରଖୁଥିବାରୁ ବର୍ଷା, ବଜ୍ରପାତ ଓ ଥଣ୍ଡାରେ ଗୋରୁ, ଛେଳି, ମେଣ୍ଢାଙ୍କ ମୃତ୍ୟୁ ଘଟୁଛି। ପ୍ରାୟତଃ ହିତାଧିକାରୀମାନେ ଦେଉଥିବା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ତଥ୍ୟ କେଉଁଠି ନା କେଉଁଠି ତ୍ରୁଟି କରି ଦେଉଛନ୍ତି। ସେଗୁଡିକ ପୁନଶ୍ଚ ଯାଞ୍ଚ କରାଯାଉଛି । ଲୋକେ ଶୀଘ୍ର ଯେଭଳି କ୍ଷତିପୂରଣ ପାଇବେ ସେ ନେଇ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି ।
**-ରବିନାରାୟଣ ପଣ୍ଡା, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ।**

## ସଂକ୍ଷେପରେ

### ଜାଗ୍ରତ କନ୍ଧମାଳ ପକ୍ଷରୁ ଆଲୋଚନାଚକ୍ର

ଫୁଲବାଣୀ ଅଫିସ, ୧୩।୧

କନ୍ଧମାଳ ଜିଲା ଫିରିଙ୍ଗିଆ ବିଜୁ କଲ୍ୟାଣ ମଣ୍ଡପରେ ଜାଗ୍ରତ କନ୍ଧମାଳ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜାଗ୍ରତ କନ୍ଧମାଳର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ, ପଛୁଆବର୍ଗ(ଓବିସି)ଙ୍କ ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା କରାଯାଇଥିଲା । ସଂଗଠନ ବ୍ଲକ ସଭାପତି ଉତ୍ସବ ବରର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସାଧାରଣ ସମ୍ପାଦକ ସତ୍ୟନାରାୟଣ ବେହେରା, ସଭାପତି ଅଙ୍ଗଦ ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମହାନ୍ତି ଓ ସମ୍ପାଦକ ରମେଶ ପ୍ରଧାନ ଯୋଗ ଦେଇଥିଲେ। ଗୋଚ୍ଛାପଡାକୁ ବ୍ଲକ ଘୋଷଣା, ଓବିସିଙ୍କ ପାଇଁ ବିଧାନସଭା ଓ ଲୋକ ସଭାରେ ସ୍ଥାନ ସଂରକ୍ଷଣ, ପ୍ରତ୍ୟେକ ବ୍ଲକରେ ଆବାସିକ ବିଦ୍ୟାଳୟ ଖୋଲିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଫିରିଙ୍ଗିଆ ବ୍ଲକରେ ବାସ କରୁଥିବା ଓବିସି ବିଭିନ୍ନ ବର୍ଗ ଯଥା ସୁଦ, ଡୁମ୍ବାଲ, ଶୁଣ୍ଡି, ତେଲି, ଗଉଡ ଓ କୁମ୍ଭାର ଆଦି ବର୍ଗର ପ୍ରତିନିଧି ଏହି ଅବସରରେ ଉପସ୍ଥିତ ଥିଲେ । ସମ୍ପାଦକ ଆଲୋକ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

### ଆଖୁଚାଷୀ ସଂଘ ବୈଠକ

ଆସିକା,୧୩।୧(ଡି.ଏନ୍.ଏ.)- ଗଞ୍ଜାମ ଜିଲା ଆଖୁଚାଷୀ ସଂଘର ଏକ ବୈଠକ ରବିବାର ସଭାପତି ପୂର୍ବତନ ଏମପି ଦୃତୀକୃଷ୍ଣ ପଣ୍ଡାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସିକା ଚିନିଶିଳ୍ପ କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ଚଳିତବର୍ଷ ଲାଗି ଆଖୁଦର ଘୋଷଣା କରି ନ ଥିବା ଅଭିଯୋଗ କରାଯାଇଥିଲା । ଆଖୁଚାଷୀ ସଂଘ ପକ୍ଷରୁ ଗତ ୫ ତାରିଖରେ ଆଖୁର ଟନ ପିଛା ଦର ୩,୫୦୦ ଟଙ୍କା ଦେବା ଲାଗି ଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲା। ଏହି ଦର ଘୋଷଣା ନ କରି କାରଖାନା ଚଳାଇବା ଲାଗି ବ୍ୟବସ୍ଥା କଲେ ଆଖୁଚାଷୀଙ୍କ ପକ୍ଷରୁ ଆସନ୍ତା ୧୮ ତାରିଖଠାରୁ କାରଖାନା ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ସଂଘ ସମ୍ପାଦକ ସମୀର ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କାରଖାନା କର୍ତ୍ତୃପକ୍ଷ ଗୁରୁବାର ଚଳିତବର୍ଷ ଲାଗି ଆଖୁର ଟନ ପ୍ରତି ଦର ୨,୯୦୦ ଟଙ୍କା ଘୋଷଣା କରିଥିବା ଓ ଅନ୍ୟଏକ ଆଖୁଚାଷୀ ସଂଘ ପକ୍ଷରୁ ଏହି ଦରକୁ ଗ୍ରହଣ କରାଯାଇଥିବା ଜଣାଯାଇଛି ।

### ଅବକାରୀ ବିଭାଗର ଚଢ଼ାଉ: ୪ ଗିରଫ

**ବସ୍ତା, ୧୩।୧(ସ୍ୱ.ପ୍ର.)-** ବସ୍ତା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ମଦ କାରବାର ଅଭିଯୋଗରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୯ଲିଟର ଦେଶୀମଦ ଜବତ ହୋଇଛି। ସବଇନ୍ସପେକ୍ଟର ଅର୍ଜୁନ କୁମାର ମଲିକ ସଦଳବଳେ ଚଢ଼ାଉ କରି ଭେଲୋରାର ଗୋପାଳ ହାଁସଦା, ପାଉଁଶକୁଲିର ସାରଥୀ ସିଂ, ପଞ୍ଚୁପାଲିର ଗୌରମୋହନ ଦାସ, ବାୟା ର ସନାତନ ମାହାଙ୍କଠାରୁ ଏହି ମଦ ଜବତ ସହ ସେମାନଙ୍କୁ ଗିରଫ କରାଯାଇଛି।

### ସାମୂହିକ ସୂର୍ଯ୍ୟ ନମସ୍କାର

**ଆନନ୍ଦପୁର,୧୩।୧(ସ୍ୱ.ପ୍ର.):** ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରରେ ସାମୂହିକ ସୂର୍ଯ୍ୟ ନମସ୍କାର ଓ ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅନନ୍ତ ଚରଣ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ତହସିଲଦାର ତପନ ନାୟକ, ସମ୍ମାନିତ ଅତିଥି ବିଇଓ କାର୍ଯ୍ୟାଳୟର କିରାଣି ରବିନାରାୟଣ ମିଶ୍ର, ବିଦ୍ୟାଳୟର ସଭାପତି ଦୁର୍ଗା ଚରଣ ଦଳେଇ, ସମ୍ପାଦକ ସର୍ବେଶ୍ୱର ଦଳେଇ, ଉପସଭାପତି ମମତାରାଣୀ ଜେନା, କମିଟି ସଦସ୍ୟ ଅନ୍ନପୂର୍ଣ୍ଣା ନନ୍ଦି ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଓ ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

**ଆନନ୍ଦପୁର,୧୩।୧(ସ୍ୱ.ପ୍ର.):** ଆନନ୍ଦପୁର ବ୍ଲକ ଶାଳବଣି ପଞ୍ଚାୟତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧାପକ ଗୋପବନ୍ଧୁ ଆପଟଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ଭାବେ ଭାଗ୍ୟଶ୍ରୀ ସାହୁ ଯୋଗଦେଇ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମନାଭ ମିଶ୍ର ଛାତ୍ରୀଙ୍କୁ ଆତ୍ମରକ୍ଷା ଶିବିରର ଉଦ୍ଦେଶ୍ୟ ଓ କୌଶଳର ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ।

# ଓଡ଼ିଆ କାବ୍ୟ ସାହିତ୍ୟରେ ପ୍ରବାହିତ ଧାରା ଆଲୋଚନାଚକ୍ର

ଭଞ୍ଜନଗର,୧୩।୧(ଡି.ଏନ.ଏ)



ମଞ୍ଚାସୀନ ଅତିଥି ।

ଭଞ୍ଜନଗରର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଓଡ଼ିଆ କାବ୍ୟ ସାହିତ୍ୟରେ ପ୍ରବାହିତ ଧାରା ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। କବିସମ୍ରାଟ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସଭାରେ ଡ଼.ସୁରେଶ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଚିବ ଅଶ୍ୱିନୀ କୁମାର ମିଶ୍ର ଉଦ୍‌ଘାଟକ ଭାବେ ଯୋଗ ଦେଇଥିବାବେଳେ ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର ନିର୍ଦ୍ଦେଶକ ଡ଼. ହୃଷିକେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଇସ୍ତାହାର ସମ୍ପାଦକ ଡ. ନିତ୍ୟାନନ୍ଦ ଶତପଥୀ ମୁଖ୍ୟବକ୍ତା ଓ କାବ୍ୟଲୋକର ସମ୍ପାଦକ ଭିକାରୀ ଧଳ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ସୁଶାନ୍ତ ଦାସ, ସୁଶାନ୍ତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପକ ଅଶୋକ ସ୍ୱାଇଁ, ଦୁର୍ଗାମାଧବ ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରଭାତି ମଞ୍ଜରୀ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଭାତ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅପରାହ୍ଣରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଶିଷ୍ଟ ସାହିତ୍ୟିକ ଡ଼.ଦାଶରଥି ଭୂୟାଁ ମୁଖ୍ୟ ଅତିଥି, ରବୀନ୍ଦ୍ର ନାଥ ଦାସ, ବଳରାମ ସ୍ୱାଇଁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟିକ କିଶୋର ପଟ୍ଟନାୟକ ଆଲୋଚକ ଭାବେ ଯୋଗ ଦେଇଥିବାବେଳେ ସମ୍ପାଦକ ସରୋଜ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ।

# ଜିଲାସ୍ତରୀୟ ରାମଚନ୍ଦ୍ର ମର୍ଦ୍ଦରାଜ ଜୟନ୍ତୀ

ଛତ୍ରପୁର,୧୩।୧(ଡି.ଏନ୍.ଏ.)

ଖଲ୍ଲିକୋଟର ମହାରାଜା ତଥା ଓଡିଶା ଏକତ୍ରିକରଣର ମହାନାୟକ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୧୯ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ପରି ପ୍ରତିଭାଙ୍କ ଜୀବନୀ ବିଦ୍ୟାଳୟ ପାଠ୍ୟ ପୁସ୍ତକରେ ସ୍ଥାନିତ ହେବା ଆବଶ୍ୟକ ବୋଲି କହିଥିଲେ । ସେହିପରି ଉଚ୍ଚଶିକ୍ଷା ବିକାଶ କ୍ଷେତ୍ରରେ ଖଲ୍ଲିକୋଟ କଲେଜ ଭୂମିକାକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମହାରାଜାଙ୍କ ଭୂମିକାକୁ ଦୂରଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞ ବୋଲି ଅଭିହିତ କରିଥିଲେ । ମର୍ଦ୍ଦରାଜ ମହାରାଜଙ୍କ ଅବଦାନକୁ ଗଞ୍ଜାମ ଜିଲା ଚିରକାଳ ମନେରଖିବ ବୋଲି ସମ୍ମାନିତ ଅତିଥି ତଥା ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ବେହେରା ପ୍ରକାଶ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ।

# ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଗଠିତ

ଆସିକା, ୧୩।୧(ଡି.ଏନ.ଏ.)

ଆସିକାର ବରିଷ୍ଠ ନାଗରିକମାନଙ୍କ ସାମଗ୍ରୀକ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଖମ୍ବେଶ୍ୱରୀପାଟଣାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶନିବାର ମଧ୍ୟାହ୍ନରେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଗଠନ କରାଯାଇଛି । ବୈଠକରେ ଏ ସମ୍ପର୍କରେ ଚୁଡାନ୍ତ ନିଷ୍ପତ୍ତି ନିଆଯାଇଛି । ବରିଷ୍ଠ ନାଗରିକମାନଙ୍କୁ ଚିକିତ୍ସା ଭାଡ଼ା, ବସ୍ ଯାତ୍ରାରେ ରିହାତି ପ୍ରଦାନ, ବ୍ୟାଙ୍କ ଏବଂ ଡାକଘରଗୁଡ଼ିକରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲିବା ଆଦି ସରକାରୀ ସୁବିଧା ସୁଯୋଗ ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏ ସମ୍ପର୍କରେ ପ୍ରଶାସନିକ ସ୍ତରରେ ଆବଶ୍ୟକୀୟ ପିକରଣ ସାଙ୍ଗକୁ ପୋଲିସ ଓ ପ୍ରଶାସନର ଦୃଷ୍ଟିକୁ ଆଣିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯିବା ସହ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ପିତବାସ ମହାପାତ୍ର, ସଭାପତି, ଦେବହରି ମହାନ୍ତି ଓ ଉପେନ୍ଦ୍ର ନାୟକ ଉପସଭାପତି, ପ୍ରଦୀପ କୁମାର ପାଣିଗ୍ରାହୀ ସଂପାଦକ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ଓ ରମେଶ ଚନ୍ଦ୍ର ବିଶ୍ୱାଳ ସହ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ରୂପେ ଦୁର୍ଗାପ୍ରସାଦ ପଣ୍ଡା ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା । ସଂଘର ଉପଦେଷ୍ଟା ଭାବେ ଗଣେଶ ରଥ, ଅଜିତ ପଟ୍ଟନାୟକ, ଟି.ଭି. ଭାସ୍କର ରାଓ, ମହେଶ୍ୱର ନାହାକ ଓ ଯୁଧିଷ୍ଠିର ଦୋରା ରହିଥିଲେ।

## ପୋଲିସର ସଚେତନତା

ଗଞ୍ଜାମ, ୧୩।୧ (ଡି.ଏନ.ଏ.)

ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଗଞ୍ଜାମ ପୋଲିସ ପକ୍ଷରୁ ଏକ ସଚେତନତା ଶିବିର କଲେଜରେ ଶୁକ୍ରବାର ଛତ୍ରପୁର ଏସ୍‌ଡିପିଓ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ରଙ୍ଗନାଥ କାନୁନଗୋ, ଥାନାଧିକାରୀ ଅନିଲ କୁମାର ମାହାନ୍ତି, ପ୍ରଫେସର ପ୍ରଦୀପ କୁମାର ବ୍ରହ୍ମା, ଏଏସ୍‌ଆଇ ହୃଷୀକେଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଲୁଟେରା, କଳାବଜାରି, ବେଆଇନ ମଦ କାରବାର କିମ୍ବା ଦାଦାବଟି ମାଗୁଥିବା ଲୋକଙ୍କ ସମ୍ପର୍କରେ ନିକଟସ୍ଥ ଥାନାକୁ ୧୦୦ ନଂ. ଡାଏଲ କରିବା ପାଇଁ ଏସ୍‌ଡିପିଓ ସେଠୀ କହିଥିଲେ। ଏଥିସହିତ ଅନ୍ଧବିଶ୍ୱାସ, ମହିଳାଙ୍କୁ ଆଶାଳୀନ ବ୍ୟବହାର କିମ୍ବା ଅଶ୍ଳୀଳ ମେସେଜ, ଇଙ୍ଗିତ ଆଦି କରୁଥିବା ଜାଣିଲେ ତୁରନ୍ତ ଥାନାକୁ ଅବଗତ କରାନ୍ତୁ ବୋଲି ଥାନାଧିକାରୀ ମାହାନ୍ତି କହିଥିଲେ। ଆଦି ସଚେତନ କରାଯାଇଥିଲା।

# ୩୯ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

ଚିକିଟି,୧୩।୧(ଡି.ଏନ.ଏ.)

ଚିକିଟିଗଡ ସ୍ଥିତ ମହାବିଦ୍ୟାଳୟର ୧୨ ଓ ୧୩ ତାରିଖ ଦୁଇଦିନ ଧରି ଚାଲିଥିବା ୩୯ତମ ବାର୍ଷିକ କ୍ରୀଡା ଉତ୍ସବ ରବିବାର ଅପରାହ୍ଣରେ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଚିତ୍ର କୁମାର ପଟ୍ଟନାୟକ ଆୟୋଜିତ ଏହି ଦୁଇ ଦିନିଆ କ୍ରୀଡା ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇଂଲିଶ ବିଭାଗର ପ୍ରଫେସର ଡ. ବଳଭଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଦୁର୍ନୀତି ନିବାରଣ ବିଭାଗର ଅଧ୍ୟକ୍ଷ ଖୋର୍ଦ୍ଧା ଡିଭିଜନ୍ ସୁରେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଥିଲେ । ପ୍ରଥମ ଦିବସରେ ମାଁ ବାଳକୁମାରୀଙ୍କ ପୀଠରୁ ମଶାଲ୍ ଧରି ନଗର ପରିକ୍ରମା କରି ଖେଳ ପଡିଆରେ ପହଞ୍ଚିବା ପରେ ଖେଳ ଆରମ୍ଭ ହୋଇଥିଲା । ଏହି ଦୁଇଦିନିଆ କ୍ରୀଡ଼ାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । କ୍ରୀଡା ଉତ୍ସବକୁ ଯୁକ୍ତ ୨ ବିଭାଗ କ୍ରୀଡା ସଂସଦର ଉପସଭାପତି ଡ. ସୁନୀଲ କୁମାର ପଣ୍ଡା, ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଜେ ଜଗନ୍ନାଥ ରାଓ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ବିଜେଡି ସମର୍ଥକଙ୍କ ବନ୍ଧୁମିଳନ


ବନ୍ଧୁମିଳନରେ ଯୋଗଦେଇଥିବା ନେତା ଓ ଜନପ୍ରତିନିଧି।

ଆସିକା,୧୩।୧(ଡି.ଏନ୍.ଏ.)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ପ୍ରେମୀଙ୍କ ପକ୍ଷରୁ ରବିବାର ଆସିକା ବ୍ଲକ କେନ୍ଦୁପଦରଠାରେ ବିଜେଡି ସମର୍ଥକଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଯୁବନେତା ଟୁଟୁ ମଲିକ ସଂଯୋଜନା କରିଥିଲେ । ଆସିକା ଏମପି ଲଡୁ କିଶୋର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। କବିସୂର୍ଯ୍ୟନଗରର ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢୀ, ପୁରୁଷୋତ୍ତମପୁର ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା, ଏମପିଙ୍କ ବ୍ଲକ ପ୍ରତିନିଧି ଦିଲୀପ ପାଣିଗ୍ରାହୀ, ଏନଏସି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ପରିଡା, ଅନୀଲ କୁମାର ପାଣିଗ୍ରାହୀ, କଳ୍ପନା ଭୋଳ, ବ୍ଲକ ଉପାଧ୍ୟକ୍ଷା ସୁଜାତା ସ୍ୱାଇଁଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ବିଜେଡି ଯେଭଳି ପୁଣି ସରକାର ଗଢ଼ିବ ସେଥିଲାଗି କର୍ମୀମାନେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା । ଆସିକା ବିଧାନସଭା ଆସନରେ ନେତୃତ୍ୱ ପରିବର୍ତ୍ତନ ନିମନ୍ତେ ରାଜଧାନୀରେ ବାର୍ତ୍ତା ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ବନ୍ଧୁ ମିଳନର ଆୟୋଜନ କରାଯାଇଥିବା ସୂଚନା ଦିଆଯାଇଥିଲା। ସମାବେଶରେ ଆସିକା ଓ କବିସୂର୍ଯ୍ୟନଗରର ଅଞ୍ଚଳର ବିଭିନ୍ନ ପଞ୍ଚାୟତର କର୍ମୀମାନେ ଯୋଗଦେଇଥିଲେ ।

## କ୍ରୀଡ଼ା ପ୍ରତିଯୋଗିତା

ବନ୍ତ, ୧୩।୧ (ଡି.ଏନ.ଏ.)

ବନ୍ତ ବ୍ଲକ ଟିଲୋ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପାଢୀ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଧନେଶ୍ୱର ଜେନା ଏହାକୁ ପରିଚାଳନା କରିଥିଲେ। ଶିକ୍ଷକ ସେକ୍ ସମତ୍, ଶିକ୍ଷୟିତ୍ରୀ ସାଗରିକା ପୁହାଣ, ନୀଳିମା ମଞ୍ଜରୀ ରାଉତ, ଉଷାଲତା ମହାପାତ୍ର, ଅହଲ୍ୟା ପଣ୍ଡା, ବସୁନ୍ଧରା ଜେନା ଓ ଗୌରୀବାଳା ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ରବୀନ୍ଦ୍ର ପରିଡା ଓ ସରପଞ୍ଚ ନିହାରିକା ରାଉତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର


ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେଉଛନ୍ତି।

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୧୩।୧(ଡି.ଏନ.ଏ.)

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଋଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୧୫ ଦିନିଆ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୫୩ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ବିଦ୍ୟାଳୟର ଅଧ୍ୟକ୍ଷ ତଥା କାର୍ଯ୍ୟକ୍ରମ ସଂଯୋଜକ ଦେବରାଜ ବଳିଆରସିଂଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଉଛି। ଛାତ୍ରୀ ସନାଲୀ ପାଟ୍ଟମାଝୀ ଏବଂ ଆସମାନୀ ମହାରଣା ତାଲିମ ଦେଉଛନ୍ତି। ବିଦ୍ୟାଳୟର ଲକ୍ଷଣ ବେହେରାଙ୍କ ସମେତ ଦଣ୍ଡପାଣୀ ଭୂୟାଁ, ମଧୁସୂଦନ ପତ୍ରା ଓ ସମସ୍ତ ଅଧାପକ ସହଯୋଗ କରିଥିଲେ।

## ଗ୍ରାମାଞ୍ଚଳ ଭଲିବଲ ଟୁର୍ନାମେଣ୍ଟ: ଏରେଣ୍ଡ୍ରା ଚାମ୍ପିୟନ


ଟ୍ରଫିସହ ଚାମ୍ପିୟନ ଦଳ।

ଦିଗପହଣ୍ଡି,୧୩।୧(ଡି.ଏନ.ଏ.)

ସ୍ୱର୍ଗତ ଏମ.ଚକ୍ରପାଣିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୀର୍ଘ ୧୦ଦିନ ଧରି ଦିଗପହଣ୍ଡି ରାଜନଗର ପଡ଼ିଆଠାରେ ଚାଲିଥିବା ଗ୍ରାମାଞ୍ଚଳ ଭଲିବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜନଗର ଭଲିବଲ ସଂଘ ତରଫରୁ ଆୟୋଜିତ ଦିବସରେ ଦିଗପହଣ୍ଡି ପୂର୍ବତନ ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୁବ କଂଗ୍ରେସ ନେତା ଦୀପକ ମିଶ୍ର, ମୁନା ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସାନଖେମୁଣ୍ଡିର ଏରେଣ୍ଡ୍ରା ଦଳ ପ୍ରତିପକ୍ଷ ଦିଗପହଣ୍ଡି ଗ୍ରାଉଣ୍ଡ ଟିମକୁ ୩–୧ରେ ଜିତି ଚାମ୍ପିୟନ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ପଣ୍ଡା ବିଜେତା ଟିମକୁ ନଗଦ ୫୫୫୫ ଟଙ୍କା ସହ ସିଲ ଏବଂ ରନର୍ସଅପ୍ ଦଳକୁ ୩୩୩୩ ଟଙ୍କା ସହ ସିଲ୍ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚକୁ ପୀତବାସ ତ୍ରିପାଠୀ ଓ ସୀମାଞ୍ଚଳ ପାଢ଼ୀ ପରିଚାଳନା କରିଥିଲେ।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକୋତ୍ସବ

ବୁଗୁଡ଼ା,୧୩।୧(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ତାକରଡ଼ା ଉନ୍ନିତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ସଭାପତିତ୍ୱରେ ଶୁକ୍ରବାର ସମ୍ପୃକ୍ତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ତହସିଲଦାର ସଂଗ୍ରାମ କେଶରୀ ଜେନା, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ମାମି ସେନାପତି, ସରପଞ୍ଚ ଦମୟନ୍ତୀ ପ୍ରଧାନ, ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ପରିଚାଳନା କମିଟିର ସଭାପତି ରଞ୍ଜିତା ପ୍ରଧାନ, ସମାଜସେବୀ ସୁରେନ୍ଦ୍ର ପ୍ରଧାନ, ଆମ୍ବା ଅଧ୍ୟକ୍ଷ ମୁକୁନ୍ଦ ନାୟକ, ସୁଶାନ୍ତ ପ୍ରଧାନ ପ୍ରମୁଖ ଯୋଗକକକଦେଇଥିଲେ। ଶିକ୍ଷକ ରାଜେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ସେମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। **ଗୋପାଳପୁର:** ରଙ୍ଗେଇଲୁଣ୍ଡା ବ୍ଲକ ବଡ଼କୁସ୍ଥଳୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେନାପତିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କ୍ଷେତ୍ର ମୋହନ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ସତୀଶ ପ୍ରସାଦ ନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ଅଧ୍ୟକ୍ଷ ବନମାଳୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସରପଞ୍ଚ କୃଷ୍ଣଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା

**ପୋଲସରା:** ପୋଲସରା ବ୍ଲକ ସୋଡ଼କ ପଞ୍ଚାୟତ ସୋଡ଼କ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ମହତ୍ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଶିକ୍ଷା କ୍ଷେତ୍ରରେ କିଭଳି ଅଗ୍ରଗତି କରିପାରିବେ ସେ ଉପରେ ବକ୍ତବ୍ୟ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ପ୍ରଧାନ ଯୋଗଦେଇ ଶିକ୍ଷା ସହ କ୍ରୀଡ଼ା ଉପରେ ରୁଚି ରଖି ଆଗକୁ ବଢ଼ିବା ପାଇଁ କହିଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

**ଧରାକୋଟ:** ଧରାକୋଟ ମୁଣ୍ଡମରାଇ ସ୍ଥିତ ସୋମନାଥ ବିଜ୍ଞାନ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ କୋଠାରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା କଲେଜ ପରିସରରେ ପହଞ୍ଚିବା ପରେ ଅଧ୍ୟକ୍ଷ ଦିଗାମ୍ବର ବିଶୋଇ କ୍ରୀଡ଼ା ଜ୍ୟୋତି ଗ୍ରହଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ହୋଇଥିବା ବେଳେ କଲେଜର ବହୁ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବିଡିଓ ରବିନାରାୟଣ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ ହରିଶଙ୍କର ପତି, ଶିବରାମ ପାଣିଗ୍ରାହୀ, ମୁଲୁଲୁ ଜେନା ପ୍ରମୁଖ ସହଯୋଗ କରିଥିଲେ। କଲେଜର କ୍ରୀଡ଼ା ଅଧ୍ୟାପକ କେ ନାନ୍ ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବେଗୁନିଆପଡ଼ା:** ବେଗୁନିଆପଡ଼ା ବ୍ଲକର ବି.ନୂଆଗାଁ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ଷୋଡ଼ଶତମ ସ୍ୱନକ୍ଷତ୍ର ଦିବସ ଜୟଦେବ ଜେନାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଏବିଇଓ ବିଜୟ କୁମାର ରାଉତ, ମୁଖ୍ୟବକ୍ତା ଅଧାପକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଗୌର କିଶୋର ମହାରଣା, ପ୍ରଧାନାଚାର୍ଯ୍ୟ କବିରାଜ ଜେନା, ସରପଞ୍ଚ କସ୍ତୁରୀ ପରିଡ଼ା, ସୁମଣ୍ଡଳ ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ସହୁ ଯୋଗ ଦେଇଥିବା ବେଳେ ପ୍ରକାଶ କୁମାର ଜେନା ପରିଚାଳନା କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ସଭାପତି ନାରାୟଣ କହଁର, ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷା କେ. ରାଜଲକ୍ଷ୍ମୀ ଦୋରା, ମୁଖ୍ୟବକ୍ତା ସିଆରସିସି ପ୍ରଭାତ କୁମାର ବିଶ୍ୱାଳ, ସ୍ୱତନ୍ତ୍ର ଅତିଥି ଭାବେ ପଙ୍କଜ କୁମାର ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷାର ମହତ୍ୱ ଓ ଚରିତ୍ର ଗଠନ ଉପରେ ଆଲୋକପାତ କରିଥିଲେ ।

# ଆନ୍ଧ୍ରରେ ନିର୍ଯାତିତ ହେଉଛନ୍ତି ୩ ଓଡ଼ିଆ ଶ୍ରମିକ

**ପୁରୁଷୋତ୍ତମପୁର,୧୩।୧(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ବ୍ଲକ ଅନ୍ତରିଗାଁ ପଞ୍ଚାୟତ କୋଳିଦାସପୁର ଶ୍ରୀରାମନଗର ସାହିର ୩ଜଣ ବ୍ୟକ୍ତି ଦାଦନ ଖଟିବାକୁ ଚେନ୍ନାଇ ଯାଇଥିଲେ। ମାତ୍ର ବାଟ ଭୁଲି ଆନ୍ଧ୍ରପ୍ରଦେଶ ବିଜୟୱାଡାଠାରେ ଏକ ଦଲାଲଙ୍କ ହାବୁଡରେ ପଡି ନିର୍ଯାତିତ ହୋଇଛନ୍ତି। ଏମାନଙ୍କୁ ଉଦ୍ଧାର କରିବାକୁ ପରିବାର ଲୋକେ ହିଞ୍ଜିଳି ପୋଲିସ ଓ ଛତ୍ରପୁର ଶ୍ରମ ଅଧିକାରୀଙ୍କୁ ଭେଟିଛନ୍ତି। ମାତ୍ର କିଛି ସୁଫଳ ମିଳୁ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, କୋଳିଦାସପୁର ଗ୍ରାମର ହୀନ ବେହେରା (୫୦), ଟୁକୁନା ବେହେରା (୩୦) ଓ ସେନ୍ତାଷ ନାହାକ (୩୧) ଗାଁରେ କାମଧନ୍ଦା ଅଭାବରୁ ଦାଦନ ଖଟିବାକୁ ଯିବାକୁ ସ୍ଥିର କରିଥିଲେ। ଗାଁର କେତେଜଣ ଲୋକ ଚେନ୍ନାଇରେ ରହୁଥିବାରୁ ତାଙ୍କ ପାଖକୁ ଯିବାକୁ ସ୍ଥିର କରିଥିଲେ। ଗତ ଡିସେମ୍ବର ପ୍ରଥମ ସପ୍ତାହରେ ଟ୍ରେନ୍‌ରେ ଯାଉଥିବାବେଳେ ବିଜୟୱାଡାଠାରେ ଖାଇବାକୁ ଓହ୍ଲାଇଥିଲେ। ହୋଟେଲରେ ଖାଉଥିବାବେଳେ ଜଣେ ଦଲାଲଙ୍କ ହାବୁଡରେ ପଡି ଯାଇଥିଲେ। ସେ ଅଧିକ ଟଙ୍କା ମଜୁରି ଦେବାକୁ କହି ଜଣେ ବ୍ୟକ୍ତିଙ୍କ ନିକଟରେ ନେଇ ଛାଡି ଦେଇଥିଲେ।


ନିର୍ଯାତିତ ଶ୍ରମିକଙ୍କ ପରିବାର ଓ ଗ୍ରାମବାସୀ।

ଉକ୍ତ ବ୍ୟକ୍ତିଜଣକ ୩ଜଣଙ୍କ ମୋବାଇଲ ଛଡାଇ ନେବାସହ ଏକ କୋଠରୀରେ ରଖି ଭଲରେ ଖାଇବା ପିଇବାକୁ ଦେଉ ନ ଥିଲେ। ନିକଟସ୍ଥ କ୍ରୀଷ୍ଣା ନଦୀରେ ମାଛ ଧରିବା, ମାଛ ଶୁଖାଇବା କାମରେ ୧୨ ଘଣ୍ଟା ଖଟାଇବା ସହ ବାହାରକୁ ଛାଡୁ ନ ଥିଲେ। ସେମାନେ ଚାଲିଯିବେ ବୋଲି ଚାରିପଟେ ତାରଜାଲି ଦେଇ ବିଦ୍ୟୁତ୍ ଚାର୍ଜ କରି ରଖିଛନ୍ତି। ହୀନଙ୍କ ବାପା ଗତ ୧୭ ତାରିଖରେ ମୃତ୍ୟୁବରଣ କରିଥିଲେ ମଧ୍ୟ ସେ ଖବର ପାଇ ପାରିଲେ ନାହିଁ। କିଛିଦିନ ତଳେ ହୀନ ଓ ସନ୍ତୋଷ ବାହାରକୁ ଆସି ଜମିରେ କାମ କରୁଥିବା ଜଣେ ଚାଷୀଙ୍କ ମୋବାଇଲରୁ ଘରକୁ ଫୋନ କରି ସବୁ କଥା ଜଣାଇବା ସହ ଉଦ୍ଧାର କରିବାକୁ କହିଥିଲେ। ଏନେଇ ପରିବାର ଲୋକେ ହିଞ୍ଜିଳି ଥାନାରେ ଜାନୁଆରୀ ୫ରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଶ୍ରମ ବିଭାଗକୁ ଜଣାଇବାକୁ କହିଥିଲେ। ଛାତ୍ରପୁରକୁ ଯାଇ ଶ୍ରମ ଅଧିକାରୀଙ୍କୁ ଭେଟିଥିଲେ ମଧ୍ୟ ସେ ପୋଲିସ କାମ ବୋଲି କହି ଫେରାଇ ଦେଇଥିବା ପରିବାର ଲୋକେ କହିଛନ୍ତି। ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସେମାନଙ୍କୁ ଫେରାଇ ଆଣିବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି।

- ବାପାଙ୍କ ଶୁଦ୍ଧିକ୍ରିୟାକୁ ଆସିପାରିଲେନି
- ପୋଲିସ ଶ୍ରମବିଭାଗ ଦୋଷ ଲଦାଲଦି
- ଉଦ୍ଧାର ପାଇଁ ପରିବାର ଲୋକଙ୍କ ନିବେଦନ

## ସଂକ୍ଷେପରେ

### ଯୁବ ପ୍ରତିଭା ସମ୍ମାନିତ



**ଶେରଗଡ,୧୩।୧(ଡି.ଏନ୍.ଏ.)-** ଶେରଗଡ ନୂତନ କଳିଙ୍ଗ ବୈଶ୍ୟ ଭବନଠାରେ ଶନିବାର ବିବେକାନନ୍ଦ ଜୟନ୍ତୀ ଓ ଯୁବଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶେରଗଡ ଆଇଆଇସି ବିଶ୍ୱ ରଞ୍ଜନ ନାୟକ ଯୋଗଦେଇ କାର୍ଯ୍ୟକ୍ରମରଶୁଭାରମ୍ଭ କରିଥିଲେ। ଯୁବ ସମାଜ ବିବେକାନଙ୍କ ପଥ ଅନୁସରଣ କଲେ ଯଶସ୍ୱୀ ହୋଇପାରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଯୁବପ୍ରତିଭା ତଥା ଶେରଗଡ ବିଜୁ ଯୁବ ବାହିନୀର ସଭାପତି ସୁଦୀପ କୁମାର ମହାପାତ୍ରଙ୍କୁ ଶେରଗଡସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ବିଦ୍ୟାମନ୍ଦିରର କୁନି ଛାତ୍ରୀଛାତ୍ରଙ୍କ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଗୁରୁମା ପ୍ରିୟଙ୍କା, ଝିନି, ଅପରାଜିତା, ଗାୟାତ୍ରୀ, ରୀନା, ସନ୍ଧ୍ୟା ପ୍ରମୁଖ ପରିଚାଳନା କରିଥିଲେ।

### ପିପିଏଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପାତ୍ରପୁର,୧୩।୧(ଡି.ଏନ୍.ଏ.)-** ପାତ୍ରପୁର ବ୍ଲକ ବରଙ୍ଗ ପଞ୍ଚାୟତର ପୀତାମ୍ବରପୁରଠାରେ ପିପିଏଲ କ୍ରିକେଟ ଟୁର୍ନାମେଣ୍ଟ ସିଜନ୍-୩ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଜିଲୁଣ୍ଡା ଓ ଜକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଜକର ଦଳ ବିଜୟୀ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକକର୍ମୀ ମନୋରଞ୍ଜନ ଦ୍ୟାନସାମନ୍ତରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ହରି ଦାସ, ରବି କୁମାର, ଅଲେଖ ନାୟକ, ହରି ନାୟକ, ଟୁନା ଦଳାଇ ଯୋଗ ଦେଇଥିଲେ। ଜକର ଦଳର ଶିଭାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରେମାନନ୍ଦ ନାୟକ, କୈଳାସ ଦଳାଇ, ଦେବଦାସ, ରବି ନାରାୟଣ ଦଳାଇ, ରକି ନାୟକ, ସୁଦାମ ଦଳାଇ ପ୍ରମୁଖ ପରିଚାଳନା କରିଥିଲେ।

### ପୁରୁଷୋତ୍ତମପୁରରେ ନୂତନ ଏସ୍‌ଡିପିଓଙ୍କ ଯୋଗଦାନ



**ପୁରୁଷୋତ୍ତମପୁର,୧୩।୧(ଡି.ଏନ୍.ଏ.)-** ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ନୂତନ ଏସ୍‌ଡିପିଓ ଭାବେ ସେଲ୍‌ଭେରିୟସ୍ ଟପ୍ପୋ ଶନିବାର ସନ୍ଧ୍ୟାରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ କେନ୍ଦୁଝର ଜିଲା ଘଟଗାଁ ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଥିବା ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁଙ୍କ ଗଞ୍ଜାମ ପୋଲିସ ମୁଖ୍ୟାଳୟ ଡିଆଇବିକୁ ବଦଳି ହୋଇଛି।

### ବିବେକାନନ୍ଦ ଜୟନ୍ତୀ ପାଳିତ

**ସୋରଡ଼ା/କନିଷି,୧୩।୧(ଡି.ଏନ୍.ଏ.)-**ମଡର୍ନ ଡି ପାଉଲ ପବ୍ଲିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାରରୁ ଆରମ୍ଭ ହୋଇଯାଇଛି। ଅଧକ୍ଷ ସୁଧୀର କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଥାନା ଅଧିକାରୀ ପ୍ରଭାତ ସାହୁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମସ୍ତ ଶିଶୁ ଶପଥ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବିବେକାନନ୍ଦଙ୍କର ସୁସଜ୍ଜିତ ରଥ ନଗର ପରିକ୍ରମା କରିଥିଲେ। ସମସ୍ତ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଇଥିଲେ। ବିବେକାନନ୍ଦ ଯୁବପରିଷଦର ଲକ୍ଷ୍ମୀଚରଣ ପଣ୍ଡା, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ରଙ୍ଗେଇଲୁଣ୍ଡା ବ୍ଲକ ରାଳବ ଗ୍ରାମ ଶ୍ରୀ ଷଣ୍ଢେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶନିବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାମାଜିକକର୍ମୀ ଗଙ୍ଗାଧର ଶତପଥୀ ଯୋଗଦେଇ ଛାତ୍ରୀଛାତ୍ର ସ୍ୱାମିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଶ୍ରୀକାନ୍ତ ଶତପଥୀ, ରଘୁନାଥ ହୋତା, ବି. ଗଣେଶ ପାତ୍ର, ବିଦେଶୀ ପ୍ରଧାନ, ବାଳକୃଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

# ହିଞ୍ଜିଳି ଥାନା ପକ୍ଷରୁ ଇ-ଚାଲାଣ ଆରମ୍ଭ

**ହିଞ୍ଜିଳିକାଟୁ,୧୩।୧(ଡି.ଏନ୍.ଏ.)**

ହିଞ୍ଜିଳି ଥାନାରେ ପାଇଲଟ ପ୍ରୋଜେକ୍ଟ ଭାବେ ଏମ୍.ଭି.ଇ-ଚାଲାଣ ବ୍ୟବସ୍ଥା ଗୁରୁବାର ଆରମ୍ଭ ହୋଇଛି। ପରିବହନ ବିଭାଗ, ପୋଲିସ ବିଭାଗ ଓ ଏଚ୍‌ଡିଏଫସି ବ୍ୟାଙ୍କର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଉକ୍ତ କାର୍ଯ୍ୟକ୍ରମକୁ ହିଞ୍ଜିଳି ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଶୁଭାରମ୍ଭ କରିଥିଲେ। ଇ-ପରିବହନ ଓ ଇ- ସାରଥୀ ମୋବାଇଲ ଆପ୍ଲିକେଶନ ସହ ଯୋଡି ହୋଇଥିବା ଏହି ମେସିନରେ ଗାଡିର ସମସ୍ତ ବିବରଣୀ, ମାଲିକ, ଗାଡି ଚାଳକଙ୍କ ଗାଡି ଚାଳନା ପ୍ରମାଣପତ୍ରଫଟୋ ଭଳି ସମସ୍ତ ପ୍ରକାର ତଥ୍ୟ ଉପଲବ୍ଧି ଯୋଗୁ ମୋଟରଯାନ ଧରପଗଡ ସମୟରେ ଏହା ପୋଲିସ ପାଇଁ ଅଧିକ ସହାୟକ ହୋଇପାରିବ। ମୋଟରଯାନ ଧରପଗଡ ବେଳେ କ୍ୟାସଦେୟ, ଡେବିଟକାର୍ଡ ଓ କ୍ରେଡିଟ କାର୍ଡରେ ଫାଇନ ଆଦାୟ ହୋଇ ପାରିବ। ଟଙ୍କା ନଥିଲେ ମଧ୍ୟ ସେମାନେ ଇ-ଚାଲାଣ ଜରିଆରେ ପରେ ପରିବହନ କାର୍ଯ୍ୟାଳୟରେ ଫାଇନ ଦେଇପାରିବେ।

# ଶିଳ୍ପ ଉଦ୍ୟୋଗ ତାଲିମଧାରୀଙ୍କୁ ସାର୍ଟିଫିକେଟ ପ୍ରଦାନ


ମାନପତ୍ର ପ୍ରଦାନ କରାଯାଉଛି।

**କୁକୁଡ଼ାଖଣ୍ଡି,୧୩।୧(ଡି.ଏନ.ଏ.)**

ବେରୋଜଗାରମାନଙ୍କୁ ରୋଜଗାର ଯୋଗାଇବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲା ଶିଳ୍ପକେନ୍ଦ୍ର ବ୍ରହ୍ମପୁର ତଥା ସରକାରଙ୍କ ତରଫରୁ ବହୁ ଯୋଜନା କରାଯାଉଛି। ନିଜେ କୌଣସି ଶିଳ୍ପ ଉଦ୍ୟୋଗ କରିବା ସହ ଅନ୍ୟମାନଙ୍କୁ କାମ ଯୋଗାଇବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଉଛି। ଚଳିତବର୍ଷ କୁକୁଡ଼ାଖଣ୍ଡି ବ୍ଲକ ପାଇଁ କୁକୁଡ଼ାଖଣ୍ଡିଠାରେ ଶିଳ୍ପ ଉଦ୍ୟୋଗ ପାଇଁ ଦକ୍ଷତା ବୃଦ୍ଧି ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ଶିଳ୍ପ କେନ୍ଦ୍ର ଏହାର ଆୟୋଜନ କରିଥିଲା। ୩୫ ଜଣ ଅଂଶଗ୍ରହଣ କରି ତାଲିମ ନେଇଥିଲେ। ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକମାନେ ଆସି ୧୫ ଦିନ ଧରି ଅଂଶଗ୍ରହଣକାରୀମାନଙ୍କୁ ତାଲିମ ଏବଂ ଶିକ୍ଷା ପ୍ରଦାନ କରିଥିଲେ। ଗୁରୁବାର ତାଲିମ ଶିବିର ଉଦ୍‌ଯାପିତ ପରେ ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ମାନପତ୍ର ପ୍ରଦାନ ବେଳେ ଜିଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ସୂର୍ଯ୍ୟ ମାଧବ ପାଣିଗ୍ରାହୀ, କୁକୁଡ଼ାଖଣ୍ଡି ଆଇପିଓ ଭାଗ୍ୟଧର ପୃଷ୍ଟି, ବ୍ରହ୍ମପୁର ଆଇପିଓ ପ୍ରିୟାଂଶୁ ପଟ୍ଟନାୟକ ଉପସ୍ଥିତ ଥିଲେ। ଇ. ସତ୍ୟ ନାରାୟଣ ଦୋରା ଶିବିର ପରିଚାଳନା କରିଥିଲେ।

## ■ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ

# ରାଜବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଜୟନ୍ତୀ

**ଖଲ୍ଲିକୋଟ,୧୩।୧(ଡି.ଏନ୍.ଏ.)**

ଖଲ୍ଲିକୋଟ ସହରସ୍ଥିତ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ (ଆର୍‌ସିଏମ୍ ସାଇନ୍ସ କଲେଜ) ପରିସରରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ରାଜବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜଦେଓଙ୍କ ୧୧୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅଧକ୍ଷ ଶ୍ୟାମସୁନ୍ଦର ପାଢୀଙ୍କ ପୌରୋହିତ୍ୟରେ ଖଲ୍ଲିକୋଟଗଡର ଇଷ୍ଟଦେବୀ ମା' ବାହୁଡୀ ଠାକୁରାଣୀଙ୍କ ମନ୍ଦିରରୁ କଲେଜର ଛାତ୍ରୀଛାତ୍ର ଅଧାପିକା ଅଧାପକ ଶୋଭାଯାତ୍ରାରେ ବାହାରି କଲେଜ ପରିସରରେ ପହଞ୍ଚିଥିଲେ। ସେଠାରେ ରାଜାବାହାଦୁରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କଲେଜ ଅଡିଟୋରିୟମରେ ଅଧକ୍ଷ ପାଢୀଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ସୁବାସ ଚନ୍ଦ୍ର ଦାସ ମୁଖ୍ୟଅତିଥି, ଓଡିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ମଣିନ୍ଦ୍ର କୁମାର ମେହେର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆର୍‌ସିଏମ୍ ସାଇନ୍ସ କଲେଜ ଓଡିଆ ବିଭାଗ ମୁଖ୍ୟ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ଦାସ ଶିକ୍ଷାର ବିକାଶରେ ରାଜବାହାଦୁରଙ୍କ ଅବଦାନ, ଉତ୍କଳ ପ୍ରଦେଶ ଗଠନ ଓ ରାଜ୍ୟ ନେତୃବୃନ୍ଦଙ୍କ ସହ ସଂଯୋଗ ସ୍ଥାପନ କ୍ଷେତ୍ରରେ ଅଦ୍ୱିତୀୟ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ମୁଖ୍ୟବକ୍ତା ମଣିନ୍ଦ୍ର କୁମାର ମେହେର ମହାରାଜାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟନିଷ୍ଠା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଅଧାପକ ସୁନୀଲ ପଟ୍ଟନାୟକ, ଡ. ବିମଳ ପ୍ରସାଦ ସାହୁ, କଲେଜ କର୍ମଚାରୀ ସନ୍ତୋଷ କୁମାର ମହାପାତ୍ର, ଅକ୍ଷୟ ଦାସ, ସତ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।


ମଞ୍ଚାସୀନ ଅତିଥି।

## ଆମ ପୋଲିସ ସମିତି ବୈଠକ

# ଛାତ୍ରୀଛାତ୍ରଙ୍କ ସୁରକ୍ଷା ନେଇ ସଚେତନତା

**ଶେରଗଡ,୧୩।୧**

ଶେରଗଡ ଆମ ପୋଲିସ ସମିତିର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶେରଗଡରେ ଥିବା ସମସ୍ତ କୋଚିଂ ସେଣ୍ଟର ଓ ଟ୍ୟୁଟୋରିଆଲ ମାନଙ୍କରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନେ ସନ୍ଧ୍ୟାରେ ଘରକୁ ଫେରୁଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ଆଲୋଚନା ହୋଇଥିଲା। ଛାତ୍ରୀମାନଙ୍କ ସୁରକ୍ଷା ନେଇ କୋଚିଂ ସେଣ୍ଟର ଓ ଟ୍ୟୁଟୋରିଆଲ ପରିଚାଳକ ମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଅଭିଭାବକମାନେ ମଧ୍ୟ ସନ୍ଧ୍ୟାରେ ପାଳିକରି ଆଣିବା ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ। କୋଚିଂ ସେଣ୍ଟର ଓ ଟ୍ୟୁଟୋରିଆଲରେ ଛାତ୍ରୀଛାତ୍ରଙ୍କ ପାଇଁ ଅଲଗା ଶୌଚାଳୟ ନିର୍ମାଣ ପାଇଁ ମଧ୍ୟ ଆଇଆଇସି ବିଶ୍ୱ ରଞ୍ଜନ ନାୟକ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଥାନାଧିକାରୀ ଅଧକ୍ଷତା କରିଥିବା ବେଳେ ଏସଆଇ କିଶୋର ଚନ୍ଦ୍ର ଚୌଧୁରୀ ଓ ଏ ଏସ ଆଇ ହରିହର ଗନ୍ତାୟତଙ୍କ ସମେତ ବିଭିନ୍ନ କୋଚିଂ ସେଣ୍ଟରର କର୍ମକର୍ତ୍ତା ଓ ଆମ ପୋଲିସ ସଭ୍ୟମାନେ ଯୋଗ ଦେଇଥିଲେ।

# ବିଦ୍ୟୁତ୍ ବିଭାଗ ପକ୍ଷରୁ ତର୍କ ପ୍ରତିଯୋଗିତା

**ଶେରଗଡ,୧୩।୧(ଡି.ଏନ୍.ଏ.)–** ଶେରଗଡ ବିଜୁଳି ସେକ୍ସନ ପକ୍ଷରୁ ଶନିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାକୁ ବିଡିଓ ସୁରଞ୍ଜନ କୁମାର ସାହୁ ଶୁଭାରମ୍ଭ କରିଥିଲେ। ଯନ୍ତ୍ରୀ ଦିଲେଶ୍ୱର ଆଚାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଯୋଗିତାରେ ବ୍ଲକର ବହୁ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଚାରକ ଭାବେ ସିଆରସିସି ଅନିଲ କୁମାର ତ୍ରିପାଠୀ ସୁଦର୍ଶନ ବେହେରା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ଜ୍ୟୋତି ପାଣିଗ୍ରାହୀ, କୁରୁଲାର ଶମ୍ଭୁ ପ୍ରସାଦ ଗୌଡ, ଗୋଠଗାଁର ବିଶ୍ୱଜିତ ସାହୁଙ୍କୁ ଚୟନ କରାଯାଇଥିଲା। ନେତାଜୀ ଜୟନ୍ତୀ ଦିନ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# କ୍ରୀଡ଼ା ଉପକରଣ ବିତରଣ ସମାରୋହ

**ଆର.ଉଦୟଗିରି,୧୩।୧(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ଅପରାହ୍ନରେ ବିଜୁ ଯୁବ ବାହିନୀ ତରଫରୁ କ୍ରୀଡ଼ା ଉପକରଣ ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମୋହନା ବିଧାୟିକା ବାସନ୍ତୀ ମଲିକ, ବିଡିଓ ପ୍ରଦୀପ କୁମାର ନାୟକ, ଉପାଧକ୍ଷ ନବୀନ ରଇତ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ବି. ଶାନ୍ତନୁ କୁମାର ପ୍ରମୁଖ ଯୋଗଦେଇ ୧୭ଟି ପଞ୍ଚାୟତର ଯୁବ ବାହିନୀ କର୍ମକର୍ତ୍ତାଙ୍କୁ ୫୦ ହଜାର ଟଙ୍କା ପ୍ରତି ଦଳକୁ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦେଶରେ ଯୁବକମାନେ କ୍ରୀଡ଼ାଠାରୁ ଦୂରେଇ ଯାଉଥିବା ଯୋଗୁ ସେମାନଙ୍କୁ ଆଗ୍ରହୀ ପ୍ରକାଶ କରିବା ଏବଂ ସରକାର ଏହି ଯୋଜନାରେ ଯୁବ ବାହିନୀ କର୍ମକର୍ତ୍ତାଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରିଛନ୍ତି ବୋଲି ବିଧାୟିକା ମଲିକ କହିଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ଯୁବ ସଂଯୋଜକ ମନୋଜ କୁମାର ସାବତ ପରିଚାଳନା କରିଥିଲେ ଏବଂ ବ୍ଲକର କର୍ମଚାରୀ ସହଯୋଗ କରିଥିଲେ ।


ବିଧାୟିକାଙ୍କ ଦ୍ୱାରା କ୍ରୀଡ଼ା ଉପକରଣ ବଣ୍ଟନ।

# ଧାନ ଚୋରି ଅଭିଯୋଗରେ ଜଣେ ଗିରଫ

**ହିଞ୍ଜିଳିକାଟୁ,୧୩।୧(ଡି.ଏନ୍.ଏ.)–** ହିଞ୍ଜିଳି ଥାନା ଚୈତନ୍ୟପଡ଼ା ଗ୍ରାମର ଚାଷୀ କାଶିନାଥ ନାୟକଙ୍କ ୫ବସ୍ତା ଧାନ ଶୁକ୍ରବାର ରାତିରେ ଖଳାରୁ କେହି ଚୋରାଇ ନେଇଥିଲେ। ଏନେଇ ସେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪/୧୯ରେ ଏକ ମାମଲା ରୁଜୁ କରି ସେହି ଗ୍ରାମର ଚିରଞ୍ଜିବୀ ଦାସଙ୍କୁ ଗିରଫ କରିଛି। ଭୁବନେଶ୍ୱର ଖଣ୍ଡଗିରି ଥାନା ଭରତପୁର ଗ୍ରାମର ବାସିନ୍ଦା ଚିରଞ୍ଜିବୀ। ୪ ବର୍ଷ ହେଲା ହିଞ୍ଜିଳି ଥାନା ଚୈତନ୍ୟପଡ଼ା ଗ୍ରାମରେ ଶଶୁର ଘରେ ରହି ଆସୁଛନ୍ତି। ଚୋରି ଧାନକୁ ତାଙ୍କ ରହିବା ଘରୁ ପୋଲିସ ଜବତ କରି ଶନିବାର କୋର୍ଟ ଚାଲାଣ କରିଛି।

# ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ ପାଳିତ



**ଭଞ୍ଜନଗର,୧୨।୧(ଡି.ଏନ.ଏ.)–** ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜୟନ୍ତୀ ଶନିବାର ଭଞ୍ଜନଗରରେ ଧ୍ରୁବ ମହାରଣାଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। ସ୍ଥାନୀୟ ଶ୍ରୀ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ମଧ୍ୟ ପାଳିତ ହୋଇଯାଇଛି। ଏନେଇ ପୂର୍ବାହ୍ନରେ ଭକ୍ତମାନେ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଛକରୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏହି ସମୟରେ ପାରମ୍ପାରିକ ନୃତ୍ୟ ପରିବେଷଣ ହୋଇଥିଲା। ଏହାପରେ ସ୍ଥାନୀୟ ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଏକ ସଭା ହୋଇଥିଲା।

# ବିଦ୍ୟାଳୟର ବାର୍ଷିକୋତ୍ସବ



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**କନିଷି,୧୩।୧(ଡି.ଏନ.ଏ.)**

ଚିକରଡ଼ା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ମମତା ମହାନ୍ତି ମୁଖ୍ୟଅତିଥି, ପ୍ରଧାନ ଶିକ୍ଷୟିତ୍ରୀ ଆରତିବାଳା ପଟ୍ଟନାୟକ, ସମିତିସଭ୍ୟ ଏସ. ଉମାପତି ରେଡ୍ଡୀ ଓ ଚିକରଡ଼ା ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ ତଥା ପୂର୍ବତନ ଛାତ୍ର କୈଳାସ ମହାନ୍ତି ଉପସ୍ଥିତ ରହି ଶିକ୍ଷାର ବିକାଶ ଉପରେ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପିତା ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ସିଆରସି ଦେବରାଜ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

# ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ତାଲା ପକାଇଲେ ଗ୍ରାମବାସୀ

**ପୋଲସରା,୧୩।୧(ଡି.ଏନ.ଏ.)**

ପୋଲସରା ବ୍ଲକ କଳମ୍ବ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଭିତରେ ପୋଲସରା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଗୌଡ଼ଙ୍କୁ କଳମ୍ବ ପଞ୍ଚାୟତବାସୀ ତାଲା ପକାଇଛନ୍ତି। କଳମ୍ବ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ ଅଭିଯୋଗ କରିଛନ୍ତି, ପଞ୍ଚାୟତରେ ଯେକୌଣସି ଉନ୍ନୟନମୂଳକ କାମ ହେଉଛି ତାଙ୍କୁ ଜଣାଯାଉନାହିଁ। ତିତ୍‌ଲି ବାତ୍ୟାରେ ପଞ୍ଚାୟତରେ କ୍ଷୟକ୍ଷତି ହୋଇଥିବା କାର୍ଯ୍ୟକୁ ନେଇ ସମିତିକୁ ଦିଆଯାଇଥିବା ପ୍ରକଳ୍ପ ତାଲିକା ନ ଜଣାଇ ଦିଆଯିବା ସହ ନ ଜଣାଇ କାମ ମଧ୍ୟ ଆରମ୍ଭ କରାଯାଇଛି। ଆମ ଗାଁ ଆମ ବିକାଶ ଯୋଜନାର ହେଉଥିବା କାମ ବିଷୟରେ ଜଣାଯାଉନାହିଁ। ରୁଖାକଣା ଗ୍ରାମରେ ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ଅଙ୍ଗନୱାଡି ଗୃହ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଯେ କୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଗଲେ ବିନା ଫଳକରେ କାମ ହେଉଛି। କନିଷ୍ଠ ଯନ୍ତ୍ରୀ ଏବଂ ସହ ନିର୍ବାହୀ ଯନ୍ତ୍ରୀ କୌଣସି କାର୍ଯ୍ୟରେ ସହଯୋଗ ନ କରିବା ଏବଂ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବାରୁ ଶନିବାର ସହ ନିର୍ବାହୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଗୌଡ଼ଙ୍କୁ କଳମ୍ବ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ଦୁଇ ଘଣ୍ଟା ସମୟ ଧରି ତାଲା ପକାଇ ରଖାଯାଇଛି। ବନ୍ଦ କୋଠରୀ ମଧ୍ୟରେ ସହ ନିର୍ବାହୀ ଯନ୍ତ୍ରୀ ଗୌଡ଼, ଶ୍ୟାମ ସୁନ୍ଦର ସାହୁ, ୩ନଂ ୱାର୍ଡସଭ୍ୟ ରବି ନାରାୟଣ ସାହୁ, ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ରହିଥିଲେ। ବିଡିଓ ଶମ୍ଭୁନାଥ ନନ୍ଦି, ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ଯନ୍ତ୍ରୀଙ୍କୁ ମୁକୁଳାଇଥିଲେ।

ବିଡିଓ ନନ୍ଦି କହିଥିଲେ ଯେ, ପଞ୍ଚାୟତରେ ଯେଉଁ ଉନ୍ନୟନ କାମ ହେବ ସେ ନେଇ ଅବଗତ କରାଯିବା ସହ ତାଲିକା ମଧ୍ୟ ଦିଆଯିବ। ପଞ୍ଚାୟତ ଫଣ୍ଡରେ ବର୍ତ୍ତମାନ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଛି। ତାହାକୁ ମଧ୍ୟ ତୁରନ୍ତ କାର୍ଯ୍ୟରେ ଲଗାଯିବ ବୋଲି କହିଥିଲେ। କଳମ୍ବ ପଞ୍ଚାୟତରେ ଯେଉଁସବୁ ଉନ୍ନୟନ କାର୍ଯ୍ୟ ହେବ ସେଥିରେ ଗ୍ରାମବାସୀ ଏବଂ ସରପଞ୍ଚଙ୍କ ମତାମତ ନେଇ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅଜୟ ସାହୁ, ବିପ୍ର ଚରଣ ସାହୁ, ଉମା ଚରଣ ସାହୁ, ପ୍ରତାପ ସାହୁ, ଗଣପତି ସାହୁ, ପ୍ରଶାନ୍ତ ସାହୁ, ଧୀରଜ କୁମାର ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଯଦି ସହଯୋଗ କରାନଯାଏ ଆଗାମୀ ଦିନରେ ପୁଣି ବିଶୃଙ୍ଖଳା ହେବ।


ବିଡିଓ, ଆଇଆଇସିଙ୍କ ସହ ଆଲୋଚନା ଚାଲିଛି

## ସଂକ୍ଷେପରେ

### ୧୨ ଦିନ ପରେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଦଶମନ୍ତପୁର,୧୩।୧(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ୍ ଗିର୍ଲିଗୁମ୍ମା ପଞ୍ଚାୟତ ବିଜ୍‌ମରା ଗ୍ରାମରେ ଜଣେ ମାନସିକ ବିକୃତ ବ୍ୟକ୍ତି ୧୨ ଦିନ ନିଖୋଜ ରହିବା ପରେ ଏକ କାଜୁବାଦାମ ଫିଲ୍ଡରୁ ତାଙ୍କର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ସନୁ ଜାନି(୪୦)। ପୁଅ ଦେବଙ୍କ ଜନ୍ମହେବା ପରେ ସନୁଙ୍କର ମାନସିକ ବିକୃତି ଦେଖାଦେଇଥିଲା। ସେ ପାଗଳ ପ୍ରାୟ ବ୍ୟବହାର କରି ଦୀର୍ଘ ୭ ବର୍ଷ ହେଲା ଏଣେତେଣେ ବୁଲାବୁଲି କରି ଘରକୁ ଫେରୁଥିଲେ। କିନ୍ତୁ ୧୦ରୁ ଊର୍ଦ୍ଧ୍ୱ ଦିନ ହେବ ସନୁ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଥାନାରେ ଖବର ଦେଇଥିଲେ। କିନ୍ତୁ ପୁଞ୍ଜିପଦର ଗ୍ରାମର କେତେକ ଲୋକ ଅଳଚି ଓ ନୂଆପଡ଼ା ଗ୍ରାମର ମଝିରେ ଥିବା ଏକ କାଜୁବାଦାମ ଫିଲ୍ଡ ଦେଇ ଆସୁଥିବାବେଳେ ଗଳିତ ମୃତଦେହ ଦେଖିଥିଲେ। ଖବର ପାଇ ସନୁଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚିହ୍ନଟ କରିଥିଲେ। ପରେ ମୃତଦେହ ମାଟିରେ ପୋତା ଯାଇଛି। କିନ୍ତୁ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଶିକ୍ଷାବିତ୍ ଡ. ପି. ତ୍ରିନାଥ ରାଓଙ୍କ ପରଲୋକ



**ବୋରିଗୁମ୍ମା,୧୩।୧(ଡି.ଏନ୍.ଏ.):** ଅବସରପ୍ରାପ୍ତ ଶିକ୍ଷାଧିକାରୀ, ସାମାଜିକ କର୍ମୀ ତଥା ବିଶିଷ୍ଟ ଶିକ୍ଷାବିତ୍ ଡ. ପି. ତ୍ରିନାଥ ରାଓଙ୍କ ପରଲୋକ ଘଟିଛି। ଶନିବାର ରାତିରେ ନବରଙ୍ଗପୁର ରୋଡ୍ ସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ହୋଇଛି। ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରି ଏହାକୁ ହିଁ ଆଜୀବନ ବ୍ରତ ଭାବେ ନେଇ ଅବସର ନେଇଥିଲେ। ଅନ୍ୟପକ୍ଷରେ ସରସ୍ୱତୀ ଶିଶୁମନ୍ଦିର, ଡିଏଭି ଇଂରାଜୀ ବିଦ୍ୟାଳୟ, ଭୈରବ ଡିଗ୍ରୀ ମହାବିଦ୍ୟାଳୟ ଭଳି ଅନୁଷ୍ଠାନର ସେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଛନ୍ତି। ଶିକ୍ଷକତା ବ୍ୟତୀତ କ୍ରୀଡ଼ା ଓ ଡ୍ରାମାରେ ତାଙ୍କର ପାରଦର୍ଶିତ ଥିଲା। ଡ. ରାଓଙ୍କ ଗୋଟିଏ ପୁଅ ଓ ଝିଅ ରହିଛନ୍ତି। ମୃତ୍ୟୁ ସମୟରେ ସ୍ତ୍ରୀ, ପୁଅ ଓ ଦୁଇଭାଇଙ୍କ ପରିବାର ନିକଟରେ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ଧାନ ଚୋରି: ଜଣେ ଗିରଫ

**ହିଞ୍ଜିଳିକାଟୁ,୧୩।୧(ଡି.ଏନ୍.ଏ.):** ହିଞ୍ଜିଳି ଥାନା ଚୈତନ୍ୟପଡ଼ା ଗ୍ରାମର ଚାଷୀ କାଶିନାଥ ନାୟକଙ୍କ ୫ବସ୍ତା ଧାନ ଶୁକ୍ରବାର ରାତିରେ ଖଳାରୁ କେହି ଚୋରାଇ ନେଇଥିଲେ। ଏନେଇ ସେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ସେହି ଗ୍ରାମର ଚିରଞ୍ଜିବୀ ଦାସଙ୍କୁ ଗିରଫ କରିଛି। ଭୁବନେଶ୍ୱର ଖଣ୍ଡଗିରି ଥାନା ଭରତପୁର ଗ୍ରାମର ବାସିନ୍ଦା ଚିରଞ୍ଜିବୀ। ପ୍ରାୟ ୪ ବର୍ଷ ହେଲା ହିଞ୍ଜିଳି ଥାନା ଚୈତନ୍ୟପଡ଼ା ଗ୍ରାମରେ ଶଶୁର ଘରେ ରହି ଆସୁଛନ୍ତି। ଧାନକୁ ତାଙ୍କ ରହିବା ଘରୁ ପୋଲିସ ଜବତ କରି ଶନିବାର କୋର୍ଟ ଚାଲାଣ କରିଛି।

■ ଯୁବକଙ୍କୁ ଆକ୍ରମଣ ଘଟଣାରେ ୨ ଗୋଷ୍ଠୀ ମୁହାଁମୁହିଁ

# ଥାନା ଘେରିଲେ, ଏତଲା ଦେଲେ ମହିଳା

**ଜୟପୁର,୧୩।୧(ଡି.ଏନ୍.ଏ./ନି.ପ୍ର.)**



ଜୟପୁର ସଦର ଥାନା ଘେରାଉ କରି ବସିଛନ୍ତି ମହିଳାମାନେ ।

ଜୟପୁର ସଦରଥାନା ବାୟାଗୁଡ଼ା ଗ୍ରାମର ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଗୋଟିଏ ଗୋଷ୍ଠୀର ମହିଳାଙ୍କ ସମେତ ଶତାଧିକ ଗ୍ରାମବାସୀ ସଦରଥାନା ଘେରାଉ କରିଥିବା ବେଳେ ପୀଡ଼ିତ ଗୋଷ୍ଠୀ ଅନ୍ୟପକ୍ଷର ମହିଳାଙ୍କୁ ଆକ୍ରମଣ ସହ ବଳାତ୍କାର ଧମକ ଦେଇଥିବା ଗାଁର ଯୁଗଳା ନାୟକ ଥାନାରେ ଏତଲା ଦେଇଛନ୍ତି। ସେହିପରି ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଘଟିଥିବା ପୋଲିସ ଅନୁମାନ କରି ତଦନ୍ତ ଆରମ୍ଭ କରିଛି। ଉତ୍ତେଜନା ବୃଦ୍ଧି ପାଇବା ଆଶଙ୍କାରେ ସଦରଥାନା ପୋଲିସ ସେଠାରେ ମୁତୟନ ହୋଇଛି।

୨୦୧୬ରେ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଉଭୟ ପକ୍ଷର ଗଣ୍ଡଗୋଳକାରୀଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ସେତେବେଳେ ସଦରଥାନା ଶାନ୍ତି କମିଟି ଗଠନ କରି ବିବାଦର ସମାଧାନ କରିଥିଲା । କିନ୍ତୁ ଗତ ଶୁକ୍ରବାର ସନ୍ଧ୍ୟାରେ ପୁଣି ଏହି ମରଣାନ୍ତକ ଆକ୍ରମଣ ପରେ ଗୁରୁତର ଆହତ ରାମ ନାଗ ଗୋଷ୍ଠୀର ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଛି। ବିପକ୍ଷ ଗୋଷ୍ଠୀର ୫ରୁ ଊର୍ଦ୍ଧ୍ୱ ଜଣଙ୍କ ନାଁରେ ପୀଡ଼ିତ ଗୋଷ୍ଠୀ ଅଭିଯୋଗ କରିଛନ୍ତି । ବିପକ୍ଷ ଗୋଷ୍ଠୀ ପକ୍ଷରୁ କେବଳ ଦୁଇଜଣଙ୍କ ମଧ୍ୟରେ ଗ୍ରାମ ବାହାରେ ଗଣ୍ଡଗୋଳ ହୋଇଥିବା ବେଳେ ଅନ୍ୟ ୫ରୁ ୬ଜଣଙ୍କ ନାଁରେ ମିଥ୍ୟା ଅଭିଯୋଗ କରାଯାଇଛି ବୋଲି ସେମାନେ କହିଛନ୍ତି । ସେହିପରି ଗ୍ରାମର ୫ରୁ ୬ଜଣ ମହିଳାଙ୍କୁ ଜୟପୁର ଫୁଲ ବିକ୍ରି ପାଇଁ ଯିବାବେଳେ ରାସ୍ତାରେ ବଳାତ୍କାର କରାଯିବ ବୋଲି ଧମକଚମକ ସହ ଥାନାରେ ଏତଲା ଦେଲେ ହତ୍ୟା କରାଯିବ ବୋଲି ଗତ ଶନିବାର ଧମକ ମିଳୁଥିବା ନେଇ ଲିଖିତ ଅଭିଯୋଗ ହୋଇଛି। ଏଥିରେ ବିପକ୍ଷ ଗୋଷ୍ଠୀର ୧୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ଯୁବକଙ୍କ ନାମ ଉଲ୍ଲେଖ କରାଯାଇଛି । ସଦରଥାନା ଅଧିକାରୀ କୈଳାସଚନ୍ଦ୍ର ସେଠୀ ଉଭୟଙ୍କ ଏତଲାକୁ ଭିତ୍ତିକରି ତଦନ୍ତ କରୁଛନ୍ତି। ପ୍ରକୃତ ଦୋଷୀଙ୍କୁ ଗିରଫ କରାଯିବ । ଦୁଇଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ଯୋଗୁଁ ଏକ ପ୍ଲାଟୁନ ଆର୍ମଡ ପୋଲିସ ମୁତୟନ କରାଯିବ ବୋଲି ସେ କହିଛନ୍ତି ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

# କୋରାପୁଟ ଆଇଟିଆଇ ବାର୍ଷିକ ଉତ୍ସବ

**କୋରାପୁଟ,୧୩।୧(ସ୍ୱ.ପ୍ର.)**

ପରଜାସାହି ସ୍ଥିତ କୋରାପୁଟ ଆଇଟିଆଇର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଆଇଟିଆଇ ସଂପାଦକ ସୁବ୍ରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସମାଜ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ କହିଥିଲେ, ଆଇଟିଆଇରେ ଶିକ୍ଷା ଗ୍ରହଣ କରିବା ପରେ ଯୁବତୀ ଯୁବକମାନେ ଚାକିରି ନ ମିଳିଲେ ମଧ୍ୟ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବାୟୁସେନା ଅଧିକାରୀ ଭବାନି ଶଙ୍କର ମିଶ୍ର ଯୋଗଦେଇ କହିଥିଲେ, ଯାନ୍ତ୍ରିକ ଶିକ୍ଷା ନେବା ଦ୍ୱାରା ଆତ୍ମନିର୍ଭରଶୀଳ ହେବା ସହ ପରିବାର ପ୍ରତିପୋଷଣ କରିହେବ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଇଟିଆଇ ଅଧ୍ୟକ୍ଷ ଶୁଭେନ୍ଦୁ ବ୍ରହ୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଆଶ୍ରମ ବିଦ୍ୟାଳୟର ୨ ଛାତ୍ର ମୃତ୍ୟୁ ଘଟଣା

# ୪ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା

**ପଟ୍ଟାଙ୍ଗି/କୋରାପୁଟ,୧୩।୧ (ଡି.ଏନ୍.ଏ./ସ୍ୱ.ପ୍ର.)**

ପଟ୍ଟାଙ୍ଗି ଥାନା ଥୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ଅନ୍ୟ ୪ ଜଣ ଛାତ୍ରଙ୍କୁ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ପଚରାଉଚରା କରାଯାଉଛି। ମୃତ ଦୁଇ ଛାତ୍ର ଟୁନା ଖରା ଓ ସୁବାସ ଖରାଙ୍କ ମୃତଦେହ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ରବିବାର ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଦିଆଯାଇଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ୧୦ ହଜାର ଲେଖାଏଁ ଦେଇଥିବା ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଜେନା କହିଛନ୍ତି।

ସୂଚନା ଅନୁଯାୟୀ, ବିଦ୍ୟାଳୟରୁ ପ୍ରାୟ ୬୦୦ ମିଟର ଦୂର ପାହାଡ଼କୁ ଶନିବାର ଅପରାହ୍ନରେ ଟୁନା ଓ ସୁବାସଙ୍କ ସହ ୬ ଜଣ ଛାତ୍ର କନ୍ଦା ସଂଗ୍ରହ କରିବାକୁ ଯାଇଥିଲେ। ସେହି ରାସ୍ତାରେ ପୂର୍ବରୁ ବାର୍‌ହା ଶିକାର ପାଇଁ ଗାତ କରାଯାଇ ତାହା ଉପରେ କାଠ ବହ୍ଲା ବିଛାଯାଇଥିଲା। ତାହାକୁ ଅତିକ୍ରମ କରିବା ସମୟରେ ଟୁନା ଓ ସୁବାସ ଉକ୍ତ ଗାତରେ ପଡ଼ିଯିବା ଯୋଗୁ ସେମାନଙ୍କ ଉପରେ ବଡ଼ବହ୍ଲା ଓ ପଥର ପଡ଼ିଯାଇଥିଲା। ଏହା ଦେଖି ଅନ୍ୟ ୪ ଜଣ ଛାତ୍ର ଉଭୟଙ୍କୁ ଗାତ ଭିତରୁ ଉଦ୍ଧାର କରି ବିଦ୍ୟାଳୟକୁ ବୋହି ଆଣିଥିଲେ। ବିଦ୍ୟାଳୟ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ରାଘବ ଚନ୍ଦ୍ର ଦେଉରୀ ଟୁନା ଓ ସୁବାସଙ୍କୁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନାରେ ଉପୁଜିଥିବା ଉତ୍ତେଜନାମୟ ପରିସ୍ଥିତିକୁ ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା, ଜିଲା ମଙ୍ଗଳ ଅଧିକାରୀ ଜଗନ୍ନାଥ ସୋରେନ ବୁଝାସୁଝା କରି ତୁଟାଇବାକୁ ଚେଷ୍ଟା କରିଥିଲେ। ଶେଷରେ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, କ୍ରିଟ ଅଧ୍ୟକ୍ଷ ଅଶୋକ ପାଙ୍ଗି, ଉପଜିଲାପାଳ ଲଳିତ କହଁର ଓ ଏଏସ୍‌ପି ଭି.ଆର୍. ରାଓ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ

**କୋରାପୁଟ,୧୩।୧(ସ୍ୱ.ପ୍ର.)**

କୋରାପୁଟ ଜିଲା ବିକାଶ ମଞ୍ଚ ପକ୍ଷରୁ ରବିବାର ସ୍ଥାନୀୟ ସଂସ୍କୃତି ଭବନରେ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ପାଇଁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜାତୀୟ ଯୁବ ଦିବସ ସପ୍ତାହ ଅବସରରେ କୋରାପୁଟରେ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ବିଭିନ୍ନ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋରାପୁଟ ବିକାଶ ମଞ୍ଚର ଜେନେଶିସ ଖରା, ଶେଷାଦ୍ରୀ ପାଣିଗ୍ରାହୀ, ରାଜେନ୍ଦ୍ର ବେହେରା, ସତୀଶ ଦାସ, ଯତୀନ ହୋତା, ହିମାଂଶୁ ଶେଖର, ଦୀପକ ପାଢ଼ୀ, ଜାମି ସନ୍ତୋଷ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୂଜାରୀପୁଟ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଗଣ ।

**ଜୟପୁର,୧୩।୧(ନି.ପ୍ର./ଡି.ଏନ୍.ଏ.)**

ପୂଜାରୀପୁଟ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ସରୋଜିନୀ ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ତରାଭଟ୍ଟା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସରୋଜ ପ୍ରହରାଜ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସହକାରୀ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ର ଯୋଗ ଦେଇଥିଲେ । ପାଠପଢ଼ାରେ କୃତିତ୍ୱ ଅର୍ଜନ କରିବା ସହ ଚରିତ୍ର ଗଠନ, ଖେଳକୁଦ ଓ ଅନ୍ୟ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ନାଁ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀ, ଗୋରାଚାନ୍ଦ ତ୍ରିପାଠୀ, ଧରିତ୍ରୀ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ବିଶ୍ୱନାଥ ପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସସ୍ମିତା ନାୟକ, ବିଦ୍ୟାଳୟ କୋର୍ଡିନେଟର ସୌଦାମିନୀ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

# ଆଲୋଚନାଚକ୍ର ସାଙ୍ଗକୁ ରକ୍ତଦାନ ଶିବିର



ଯୁବ ଦିବସରେ ଆୟୋଜିତ ଶିବିରରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି ।

**କୋରାପୁଟ,୧୩।୧(ସ୍ୱ.ପ୍ର.)**

ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟର ଯୁବ ରେଡକ୍ରସ ପକ୍ଷରୁ ଶନିବାର ଜାତୀୟ ଯୁବ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶୁଭେନ୍ଦୁ ଶେଖର ପାଢ଼ୀ, ପ୍ରାଧ୍ୟାପକ କୈବଲ୍ୟ ବେହେରା ଯୋଗଦେଇ 'ଆଧୁନିକ ଭାରତ ଗଠନରେ ଯୁବ ସମାଜ ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ମତ ରଖିଥିଲେ। ଏଥିରେ ଛାତ୍ରୀ ମନସା କୁମାରୀ ପ୍ରଥମ, ଛାତ୍ର ସନ୍ତୋଷ ଖରା ଦ୍ୱିତୀୟ ଓ ମାମାଲି ବାଇ ତୃତୀୟ ରହି ପୁରସ୍କୃତ ହୋଇଥିଲେ। ଏହି ଦିବସରେ ଯୁବ ରେଡକ୍ରସ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ୭୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଯୁବ ରେଡକ୍ରସର କନଭେନର ତଥା ଅଧ୍ୟାପକ ଡ. ପ୍ରକାଶ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା ଓ ଏଥିରେ ଛାତ୍ରୀ ଏସ୍. ତପସ୍ୱିନୀ, ଭୀମ ପାଙ୍ଗି, ନିମା ଗୁପ୍ତା, ଶିବ ବଡ଼ରଇତା ସହଯୋଗ କରିଥିଲେ ।

### ଫକୀରମୋହନ ଜୟନ୍ତୀ ପାଳିତ

**ଜୟପୁର,୧୩।୧(ନି.ପ୍ର./ଡି.ଏନ୍.ଏ.)**

ତାରିଣୀ ଛକ ନିକଟସ୍ଥ ଡିଏଭି ମହବିଦ୍ୟାଳୟରେ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଛି। ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ବୈଠକରେ ଅତିଥି ଭାବେ ଇଂ ଦାଶରଥୀ ନନ୍ଦ, ଆଲୋଚକ ଭାବେ ଶ୍ରୀନାଥ ମିଶ୍ର, ନଳିନୀ ରଞ୍ଜନ ମିଶ୍ର, ଚନ୍ଦ୍ରକାନ୍ତ ବିଶ୍ୱାଳ। ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନବକୃଷ୍ଣ ରଥ ସ୍ୱାଗତ, କିଶୋର ତ୍ରିପାଠି ଭକ୍ତି ସଂଗୀତ ଗାନ ଓ ଅଶୋକ ପଲେଇ ଅତିଥି ପରିଚୟ ଦେଇଥିଲେ। ପରଲୋକଗତ ସାହିତ୍ୟିକ ଉଦୟ ଚନ୍ଦ୍ର ମିଶ୍ରଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନିରବ ପାର୍ଥନା କରାଯାଇଥିଲା। ଏଠାରେ 'ଗଳ୍ପ ସର୍ଜନାର କଳାପକ୍ଷ ଏବଂ ଭାବପକ୍ଷ' ଆଲୋଚନା ହୋଇଥିଲା। ପ୍ରମୋଦ ରାଉଳ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଡ. ପ୍ରଦୀପ ମିଶ୍ର, ଡ. ମନୋରଞ୍ଜନ ପ୍ରଧାନ, ଭାଗ୍ୟଲତା ପାଣିଗ୍ରାହୀ, ଅଶୋକ ପଲେଇ, ଅବିନାଶ ସାନ୍ତ୍ରାପାତ୍ର ଯୋଗ ଦେଇଥିଲେ।



ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ଫକୀର ମୋହନ ଜୟନ୍ତୀରେ ମଞ୍ଚାସୀନ ଅତିଥିମାନେ ।

# ବିଭିନ୍ନ ସ୍ଥାନରେ ଯୁବ ଦିବସ ପାଳିତ

**କୋରାପୁଟ/ବୈପାରୀଗୁଡ଼ା, ୧୩।୧(ସ୍ୱ.ପ୍ର./ଡି.ଏନ୍.ଏ.)**

କୋରାପୁଟ ସ୍ଥିତ ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଶ୍ରୀ ରାମକୃଷ୍ଣ ସତ୍‌ସଙ୍ଗ ଓ ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷା ଅତସୀ ସାହୁ ଏକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ପରେ ଆୟୋଜିତ ସଭାରେ ଅତିଥି ଭାବେ ଏସ୍‌ପି କନୱର ବିଶାଳ ସିଂ ଯୋଗଦେଇ କହିଥିଲେ, ଉଠ ଜାଗ ଏବଂ ଲକ୍ଷ୍ୟସ୍ଥଳରେ ନ ପହଞ୍ଚିବା ଯାଏଁ ବିଶ୍ରାମ ନିଅନାହିଁ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ସଭାପତି ଡ. ଅମୂଲ୍ୟ ରଞ୍ଜନ ମହାପାତ୍ର, ଜୟପୁର ଭାରତୀୟ ସଂଚାର ନିଗମର ମହାପ୍ରବନ୍ଧକ ଭୈରବ ଚନ୍ଦ୍ର ପ୍ରଧାନ, ଉପମହାପ୍ରବନ୍ଧକ ସତ୍ୟଜିତ ମାରାଣ୍ଡି ଯୋଗ ଦେଇଥିଲେ ।

ବୈପାରୀଗୁଡ଼ା ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଫ୍ରେଣ୍ଡସ୍ ୟୁନିଟ୍ କ୍ଲବ ପକ୍ଷରୁ ଜାତୀୟ ଯୁବଦିବସ ପାଳିତ ହୋଇଛି। କ୍ଲବ ସଭାପତି ମଧୁସୂଦନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନି କାଣ୍ଡିକି, ବିଦ୍ୟାଳୟ ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣା, ଥାନା ଅଧିକାରୀ ଅମିତାଭ ଦାସ, ବୈପାରୀଗୁଡ଼ା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ଅଧ୍ୟାପକ ଡ. ସଦାନନ୍ଦ ଅଡାରୀ ଏଥିରେ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରିୟଙ୍କା ଡାକୁଆ ଓ ଦେବରାଜ ନାରାଜୀଙ୍କୁ ଯୁବ ପ୍ରତିଭା ସମ୍ମାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଦସ୍ୟ ଭୀମସେନ ବିଶୋୟୀ, କେ. ଉମା ମହେଶ୍ୱର, ପ୍ରଭାତି ପାତ୍ର, ରବି ଶଗରିଆ, ମନ୍ଦାକିନୀ ପାତ୍ର ଓ ଏନ୍. ସନ୍ତୋଷ ଉପସ୍ଥିତ ଥିଲେ।



ବୈପାରୀଗୁଡ଼ା ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଦିବସ ।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସାଧାରଣ ସଭା

**କୋରାପୁଟ,୧୩।୧(ସ୍ୱ.ପ୍ର.)**

କୋରାପୁଟ ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ସାଧାରଣ ସଭା ଶନିବାର ସ୍ଥାନୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ରଘୁନାଥ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଂଘ ସଂପାଦକ ଭଗବାନ ନାହାକଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ୬ ଦଫା ଦାବି ନେଇ ଆଲୋଚନା କରିଥିଲେ। କେନ୍ଦ୍ର ଓ ଅନ୍ୟ ରାଜ୍ୟ ଭଳି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା, ବସ୍‌ଯାତ୍ରାରେ ରିହାତି, ୨୦୦୬ ପୂର୍ବରୁ ଅବସର ନେଇଥିବା କର୍ମଚାରୀଙ୍କୁ ରାଜ୍ୟ ସରକାରଙ୍କ ପ୍ରଥମ ଫର୍ମୁଲା ସିଟ୍ ଆରକ୍ଷଣ, ୨୫ ବର୍ଷ କ୍ୱାଲିଫାଇଂ ସର୍ଭିସ ବଦଳରେ ୨୦ ବର୍ଷ କରିବା, ଉଚ୍ଛେଦ ହୋଇଥିବା ପିଜିପିଏ ବିଭାଗର ପୁନଃସ୍ଥାପନ, ସର୍ବନିମ୍ନ ପେନସନ ୯ ହଜାର ଟଙ୍କା କରିବା ଭଳି ଦାବି ଆଲୋଚନା ହୋଇଥିଲା। ସଂଘ ଉପଦେଷ୍ଟା ଡି. ଶଙ୍କର ରାଓ ସଭା ପରିଚାଳନା କରିଥିଲେ।

■ ୨୦୧୮-୧୯ ବର୍ଷ ପାଇଁ କୃଷି ଲକ୍ଷ୍ୟଧାର୍ଯ୍ୟ

# ଅଧିକ ଚାଷ କରାଯିବ ଅଣଧାନ ଫସଲ

**ଜୟପୁର,୧୩।୧(ଡି.ଏନ୍.ଏ.)**

କୋରାପୁଟ ଜିଲାରେ ୨୦୧୮-୧୯ ରବି ଧାନ ଫସଲ ଅପେକ୍ଷା ଅଣଧାନ ଫସଲ ଅଧିକ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଖରାଦିନରେ ରବିଧାନ ଫସଲ ବଦଳରେ ଜିଲାରେ ଅଧିକରୁ ଅଧିକ ପନିପରିବା, ଆଖୁ, ମକା, ଡାଲି, ତୈଳ, ମସଲା ଜାତୀୟ ଅଣଧାନ ଫସଲ ଚାଷ ପାଇଁ ଜିଲା ପ୍ରଶାସନର ତତ୍ତ୍ୱାବଧାନରେ କୃଷି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଛି।

୨୦୧୮-୧୯ରେ ରବିଧାନ ଫସଲ ୨୬ ହଜାର ୨୯୭ ହେକ୍ଟର ଜମିରେ ଚାଷ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ଏହାର ୩ଗୁଣ ଅଧିକ ୮୮ ହଜାର ୨ ହେକ୍ଟର ଜମିରେ ଅଣଧାନ ଚାଷ କରାଯିବ। ସେଥିରୁ ଜୟପୁର ଉପଖଣ୍ଡର ସଦର, ବୋରିଗୁମ୍ମା, କୋଟପାଡ଼ ଏବଂ କୁନ୍ଦୁରା ବ୍ଲକରେ ଅଧିକ ମାତ୍ରାରେ ଆଖୁ, ମକା ଚାଷ କରାଯାଇଥାଏ। ସେହିପରି କୋରାପୁଟ ଉପଖଣ୍ଡର ସେମିଳିଗୁଡ଼ା, ନନ୍ଦପୁର, ପଟ୍ଟାଙ୍ଗି, କୋରାପୁଟ, ଲମତାପୁଟ, ଦଶମନ୍ତପୁର ବ୍ଲକରେ ପନିପରିବା, ମସଲା, ତୈଳ ଜାତୀୟ ଏବଂ ନାରାୟଣପାଟଣା, ବନ୍ଧୁଗାଁ, ଲକ୍ଷ୍ମୀପୁର ବ୍ଲକରେ ଡାଲି, ତୈଳ ଜାତୀୟ ଏବଂ ଲେମନ ଗ୍ରାସ ଚାଷ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏଥିରୁ କୋରାପୁଟ ବ୍ଲକରେ ଅଣଧାନ ୪୯୧୦ ହେକ୍ଟର, ସେମିଳିଗୁଡ଼ା ୬୨୪୫, ଦଶମନ୍ତପୁର ୪୪୩୪, ନନ୍ଦପୁର ୫୪୯୭, ଲମତାପୁଟ ୨୨୮୭, ପଟ୍ଟାଙ୍ଗି ୩୯୨୨, ନାରାୟଣପାଟଣା ୨୮୧୦, ଲକ୍ଷ୍ମୀପୁର ୪୦୨୦, ବନ୍ଧୁଗାଁ ୨୭୮୦, ଜୟପୁର ୧୫୯୪୦, ବୋରିଗୁମ୍ମା ୧୧୨୮୮, କୋଟପାଡ଼ ୧୩୦୬୨, କୁନ୍ଦୁରା ୭୭୭୪, ବୈପାରୀଗୁଡ଼ା ୩୦୩୩ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ଅଣଧାନ ଚାଷ ପାଇଁ ନଦୀ, ଝରଣା, ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ ବିଭାଗର ବିଭିନ୍ନ ନାଳ ଓ ଛୋଟ ନଦୀରେ ଆଡ଼ିବନ୍ଧ ନିର୍ମାଣ କରାଯାଇଛି ।

